# ମୌଳିକ ସୁବିଧା ଦାବିରେ ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ଡଙ୍ଗରିଆ

■ ଡଙ୍ଗରିଆଙ୍କ ବିକାଶ ପାଇଁ ଆସୁଥିବା ଟଙ୍କା ଠିକ୍‌ରେ ଖର୍ଚ୍ଚ ହେଉନାହିଁ
■ ବହୁ ଗ୍ରାମକୁ ରାସ୍ତା ନ ଥିବାରୁ ଉନ୍ନୟନମୂଳକ କାର୍ଯ୍ୟ ବାଧାପ୍ରାପ୍ତ



ଜିଲାପାଳଙ୍କୁ ଅଭିଯୋଗ କରିବାକୁ ଆସିଥିବା ଡଙ୍ଗରିଆ କନ୍ଧ।

ରାୟଗଡ଼ା,୩।୨(ଆଶିଷ ରଞ୍ଜନ ପଣ୍ଡା)

ମୌଳିକ ସୁବିଧା ପାଇଁ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି ରାୟଗଡ଼ା ଜିଲା ନିୟମଗିରିରେ ବସବାସ କରୁଥିବା ଆଦିମ ଜନଜାତି ଡଙ୍ଗରିଆ କନ୍ଧ ସମ୍ପ୍ରଦାୟ ଲୋକେ। ସୋମବାର ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣିରେ ଡଙ୍ଗରିଆମାନେ ପହଞ୍ଚି ସ୍ୱାଧୀନତାର ୭୭ ବର୍ଷ ପରେ ମଧ୍ୟ ମୌଳିକ ସୁବିଧାରୁ ବଞ୍ଚିତ ହୋଇଥିବା ନେଇ ଜିଲାପାଳ ପାରୁଲ ପଟୱାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି । ନିୟମଗିରିର ବହୁ ଅଞ୍ଚଳକୁ ରାସ୍ତାଘାଟ ନିର୍ମାଣ ହୋଇ ନ ଥିବାରୁ ଆଜି ବି ବହୁ ଉନ୍ନୟନମୂଳକ ଯୋଜନା ଏଠାରେ ସାତସପନ ପାଲଟିଛି। କେବଳ ମାତ୍ର ୪ରୁ ୫ଟି ଗ୍ରାମକୁ ଛାଡ଼ିଦେଲେ ବଳକା ଗ୍ରାମକୁ କୌଣସି ମୌଳିକ ସୁବିଧା ପହଞ୍ଚ ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । ବିଜୁଳି ଆଲୁଅ ସାତ ସପନ ହୋଇଥିବା ବେଳେ ଶିକ୍ଷାର ଆଲୋକ ଡଙ୍ଗରିଆଙ୍କ ଉପରେ ପଡିନାହିଁ । ଏବେ ମଧ୍ୟ ଗୋପାଏ ବିଶୁଦ୍ଧ ପାନୀୟଜଳ ପାଇଁ ସଂଘର୍ଷ କରିବାକୁ ପଡୁଛି ବୋଲି ସେମାନେ ଜିଲାପାଳଙ୍କୁ କହିଛନ୍ତି। ଡଙ୍ଗରିଆ ବିକାଶ ପାଇଁ ଟଙ୍କା ଆସିଛି, କିନ୍ତୁ ତାହା ସଠିକ ଭାବରେ ଖର୍ଚ୍ଚ ହୋଇପାରୁ ନ ଥିବାରୁ ସେମାନେ ଅବହେଳିତ ଜୀବନଯାପନ ବିତାଉଥିବା ଅଭିଯୋଗ କରିଛନ୍ତି।

ଏହାବ୍ୟତୀତ ସେମାନେ ସରଳ ଏବଂ ଅଶିକ୍ଷିତ ହୋଇଥିବାରୁ ଏହାର ସୁଯୋଗ ନେଇ ଦଲାଲମାନେ ଡଙ୍ଗରିଆ କନ୍ଧ ସମ୍ପ୍ରଦାୟର ମୃତ ଲୋକଙ୍କ ନାଁରେ ଭୁଲ ଲେଖାଏଁ ମୃତ୍ୟୁପ୍ରମାଣ ପତ୍ର କରି ନିର୍ମାଣ ଶ୍ରମିକ ବୀମା ରାଶିକୁ ହଡ଼ପ କରାଯାଉଛି ବୋଲି ଡଙ୍ଗରିଆଙ୍କ ସହିତ ଆସିଥିବା ଯୁବନେତା ଜିତୁ ଜାକେସିକା ଅଭିଯୋଗ କରିଛନ୍ତି। ବିଶେଷ ଏହି ଦୁର୍ନୀତିରେ ମୁନିଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ତତ୍କାଳୀନ ଅଧିକାରୀ ଡା. ସବ୍ୟସାଚୀ ମହାପାତ୍ର ଓ ତତ୍କାଳୀନ ଜିଲା ଶ୍ରମ ଅଧିକାରୀ ଯଜ୍ଞିନ ଶୁଭଦର୍ଶିନୀ ସାହୁ ସମ୍ପୃକ୍ତ ରହିଥିବା ସେମାନେ ଜିଲାପାଳଙ୍କୁ କହିଥିଲେ। ତେଣୁ ତୁରନ୍ତ ଘଟଣାର ସତ୍ୟାସତ୍ୟ ଯାଞ୍ଚ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଡଙ୍ଗରିଆ ଅଞ୍ଚଳର ବିକାଶ ପାଇଁ କାମ କରିବା ପାଇଁ ଜିଲାପାଳଙ୍କୁ ଅନୁରୋଧ କରିଛନ୍ତି ଜିତୁ ଜାକେସିକା। ଅଭିଯୋଗ ପାଇବା ପରେ ଡ.ସବ୍ୟସାଚୀ ମହାପାତ୍ରଙ୍କ ମୃତ୍ୟୁ ପ୍ରମାଣପତ୍ର ଜାଲିଆତି ନେଇ ପୋଲିସରେ ମାମଲା ରୁଜୁ ହୋଇ ତଦନ୍ତ ଚାଲିଥିବା ଜିଲାପାଳ ପାରୁଲ ପଟାୱରୀ ସୂଚନା ଦେଇଛନ୍ତି ।

# ଜମି ହଡ଼ପ ପାଇଁ ବୃଦ୍ଧଙ୍କୁ ଅପହରଣ ଅଭିଯୋଗ

## ଜିଲାପାଳ, ଏସ୍‌ପିଙ୍କୁ ଭେଟିଲେ ପରିବାରବର୍ଗ

ରାୟଗଡ଼ା,୩।୨(ଆଶିଷ ରଞ୍ଜନ ପଣ୍ଡା)

ଜମି ଦଖଲ ପାଇଁ ଦେଢ଼ ବର୍ଷ ହେଲା ଆମ ବୃଦ୍ଧ ବାପା ଦାଶରଥି ନାଏକଙ୍କୁ କେହି ଅପହରଣ କରି ନେଇଥିବା ଅଣ୍ଡିରକାଞ୍ଚ ଥାନା ଅଧୀନ କୋଡ଼ିଙ୍ଗ ପଞ୍ଚାୟତ ଖୋଡ଼ିପଦର ଗ୍ରାମର ଭାଗୀରଥି ନାଏକ ଓ ପରିବାରବର୍ଗ ଅଭିଯୋଗ କରିଛନ୍ତି । ଏ ନେଇ ପୂର୍ବରୁ ଅଣ୍ଡିରାକାଞ୍ଚ ଥାନାରେ ମଧ୍ୟ ଅଭିଯୋଗ ହୋଇଛି । ହେଲେ ବାପା ନ ମିଳିବା କାରଣରୁ ଶେଷରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଅଭିଯୋଗ କରିବାକୁ ଆସିଛୁ ବୋଲି ଭାଗୀରଥି କହିଛନ୍ତି। ଅଭିଯୋଗ ପାଇବା ପରେ ଜିଲାପାଳ ପାରୁଲ ପଟାୱରି ଏହି ଘଟଣାର ତଦନ୍ତ କରି ଦାଶରଥି ନାଏକଙ୍କୁ ଖୋଜିବାକୁ ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି।

ଭାଗୀରଥି ଓ ପରିବାରବର୍ଗଙ୍କ ଅଭିଯୋଗ ଅନୁସାରେ, ଦାଶରଥି ଏକ ସରକାରୀ ଜମିରେ ଦୀର୍ଘ ବର୍ଷ ହେଲା ଚାଷ କରୁଥିଲେ । ଉକ୍ତ ସରକାରୀ ଜମି ଦଖଲକୁ ନେଇ ଆବଶ୍ୟକ ଖଜଣା ମଧ୍ୟ ବାନ୍ଧୁଥିଲେ। ହେଲେ ଏବେ ଉକ୍ତ ଜମିକୁ ସେହି ଗ୍ରାମର ୨ ଜଣ ଯୁବକ ଦଖଲକୁ ନେବା ସହିତ ଜମି ହାତେଇବା ପାଇଁ ଦାଶରଥିଙ୍କୁ ଅପହରଣ କରିନେଇଥିବା ଭାଗୀରଥି ଓ ପରିବାରବର୍ଗ ଅଭିଯୋଗ କରିଛନ୍ତି । ପୋଲିସ ଅଭିଯୋଗ ପାଇବା ପରେ ଘଟଣାର ତଦନ୍ତ କରିବାରୁ ଦାଶରଥି ରାସ୍ତା କଡ଼ରୁ ବିଭିନ୍ନ ପ୍ଲାଷ୍ଟିକ ଓ ବର୍ଜ୍ୟବସ୍ତୁ ସଂଗ୍ରହ କରି ତାକୁ କବାଡ଼ି ଦୋକାନରେ ବିକ୍ରି କରୁଥିଲେ ଏବଂ କିଛି ପ୍ରକାର ମଞ୍ଜି ସଂଗ୍ରହ କରି ତାକୁ ନେଇ ବିଶାଖାପାଟଣାଠାରେ ବିକ୍ରି କରୁଥିଲେ । ହେଲେ ପରବର୍ତ୍ତୀ ସମୟରେ ସେ କେଉଁଆଡେ ଚାଲିଯାଇଥିଲେ ଏବଂ ତାଙ୍କର କୌଣସି ପତ୍ତା ମିଳୁନାହିଁ । ପୋଲିସ ତଦନ୍ତ ଜାରି ରଖିଛି ବୋଲି ଜଣାପଡ଼ିଛି। ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଏହି ମାମଲା ପାଇବା ପରେ ପୋଲିସକୁ ଏହି ଘଟଣାର ଶୀଘ୍ର ତଦନ୍ତ କରି ଦାଶରଥିଙ୍କୁ ଠାବ କରିବାକୁ ଏସ୍‌ପିସ୍ୱାଥିଏସ.କୁମାର ନିର୍ଦ୍ଦେଶ ଦେଇଛନ୍ତି।

# ଶବ୍ଦ ପ୍ରଦୂଷଣକାରୀ ବାଇକ୍ ଜବତ

## ୨୩ ହଜାର ଜରିମାନା



ରାୟଗଡ଼ା,୩।୨ (ଆଶିଷ ରଞ୍ଜନ ପଣ୍ଡା)

ସଡ଼କ ସୁରକ୍ଷା ଓ ଦୁର୍ଘଟଣା ରୋକିବା ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଜିଲାର ବିଭିନ୍ନ ସ୍ଥାନରେ ଗାଡି ଯାଞ୍ଚକୁ କଡ଼ାକଡ଼ି କରାଯାଇଛି । ଜିଲା ଆଞ୍ଚଳିକ ପରିବହନ ବିଭାଗ ଏମ୍‌ଭିଆଇ ରାଜଶେଖର ବେହେରା ସୋମବାର ରାୟଗଡ଼ା ସହରରେ ଯାଞ୍ଚ ବେଳେ ଶବ୍ଦ ପ୍ରଦୂଷଣକାରୀ ବାଇକ୍‌କୁ ଜବତ କରିବା ସହ ଗାଡ଼ି ଚାଳକଙ୍କୁ ୨୩ ହଜାର ଟଙ୍କା ଜରିମାନା କରିଛନ୍ତି।

ସୂଚନାଯୋଗ୍ୟ, କୌଣସି ଏକ କମ୍ପାନୀର ମୋଟରସାଇକେଲକୁ ଡିଜାଇନ ପରିବର୍ତ୍ତନ କରି ସେଥିରେ ଭିନ୍ନ ଧରଣର ଶବ୍ଦ ସୃଷ୍ଟି ହେଉଥିବା ଏକ ବାଇକ୍‌କୁ ସେମାନେ ଅଟକାଇ ଯାଞ୍ଚ କରିଥିଲେ। ମୋଟରସାଇକେଲର ଏକ ଛୋଟିଆ ସାଇଲେନ୍ସର ଲାଗିବା ସହିତ ଶେଷ ପାର୍ଶ୍ୱରେ ଏକ ଲୁହା ପ୍ଲେଟ ଲାଗିଥିବା ଦେଖିବାକୁ ମିଳିଛି । ଗାଡ଼ି ଷ୍ଟାର୍ଟ କରିବା ମାତ୍ରେ ଉକ୍ତ ସାଇଲେନ୍ସରରୁ ଧୂଆଁ ବାହାରି ତାହା ଉକ୍ତ ପ୍ଲେଟରେ ବାଜି ଅଧିକ ଶବ୍ଦ କରୁଥିବା ଦେଖିବାକୁ ମିଳିଥିଲା । ସେହିଭଳି ଗାଡ଼ିରେ ଲାଗିଥିବା ନମ୍ବର ପ୍ଲେଟ, ରେଜିଷ୍ଟ୍ରେସନ ନମ୍ବର ମଧ୍ୟ ବୈଧ ନ ଥିବା ଯାଞ୍ଚ ସମୟରେ ଜଣାପଡ଼ିଥିଲା । ସେହିଭଳି ଗାଡ଼ିର ଇନ୍ସୁରାନ୍ସ ନ ଥିବା, ବିନା ଅନୁମତିରେ ମୋଟରସାଇକେଲ ଡିଜାଇନ୍ ପରିବର୍ତ୍ତନ, ବିନା ହେଲମେଟ୍‌ରେ ଗାଡ଼ି ଚଳାଇବା ଯୋଗୁ ଉକ୍ତ ଗାଡ଼ି ଚାଳକଙ୍କୁ ୨୩ ହଜାର ଟଙ୍କା ଜରିମାନା ପକାଯାଇଛି। ତେବେ ତଦନ୍ତ ବେଳେ ଉକ୍ତ ଯୁବକ ତାଙ୍କର ଜଣେ ସାଙ୍ଗଙ୍କ ଗାଡ଼ି ଆଣିଥିବା କହିଥିଲେ । ହେଲେ ଉକ୍ତ ଗାଡ଼ି ଅଧିକ ଶବ୍ଦ ପ୍ରଦୂଷଣ କରୁଥିବା ଏବଂ ବେଆଇନ ଭାବେ ଡିଜାଇନରେ ପରିବର୍ତ୍ତନ କରାଯାଇଥିବାରୁ ଗାଡିକୁ ଜବତ କରାଯାଇଥିବା ଏମ୍‌ଭିଆଇ ବେହେରା ସୂଚନା ଦେଇଛନ୍ତି ।

# ୫୩ତମ ଭାଗବତ ଟୁଙ୍ଗି ଗଠିତ

ମୁନିଗୁଡ଼ା,୩।୨ (ନନ୍ଦ କିଶୋର ପଟ୍ଟନାୟକ)

ମୁନିଗୁଡ଼ାର ଆଦିତ୍ୟବାହିନୀ ଶାଖା ଦ୍ୱାରା ୫୩ତମ ଭାଗବତ ଟୁଙ୍ଗି ଗଠିତ ହୋଇଯାଇଛି। ଏହି ଅବସରରେ ମୁନିଗୁଡ଼ା ଶାଖା ସଭାପତି ଟଙ୍କଧର ଗାଜିବିଲି ଓ ସମ୍ପାଦକ ପି.ସୁଧାକର ପାତ୍ରଙ୍କ ମିଳିତ ସଂଯୋଜନାରେ ମୁନିଗୁଡା ବ୍ଲକ ଲିଟିଗୁଡା ଗ୍ରାମର ଦୋରାସାହିରେ ନୂତନ ଭାଗବତ ଟୁଙ୍ଗି ଗଠନ କରାଯାଇଛି। ଏହି ଭାଗବତ ଟୁଙ୍ଗିର ନାମ ଶ୍ରୀ ନୀଳକନ୍ଦର ଭାଗବତ ଟୁଙ୍ଗି ନାମରେ ନାମିତ କରାଗଲା । ପରେ ଏହି ଟୁଙ୍ଗିକୁ ପରିଚାଳନା ନିମନ୍ତେ ଉପଦେଷ୍ଟା ଭାବେ ଶ୍ରୀଧର ମାଝୀ, ସଭାପତି ପ୍ରତିମା ମାଝୀ, ସମ୍ପାଦକ ବୁନୁ ଗୁଲା, କୋଷାଧ୍ୟକ୍ଷା ମମତା ସିଉନା ପ୍ରମୁଖଙ୍କୁ ଦାୟିତ୍ୱ ଦିଆଯାଇଛି । ଏଠାରେ ଦୈନନ୍ଦିନ ଭାଗବତ ପାଠ, ହରିନାମ ସଂକୀର୍ତ୍ତନ, ଗୋ ସୁରକ୍ଷା, ବୃକ୍ଷରୋପଣ ଭଳି ଜନହିତକର କାର୍ଯ୍ୟ କରିବାକୁ ସ୍ଥିର ହୋଇଛି। ଶେଷରେ ଆଦିତ୍ୟବାହିନୀ ମୁନିଗୁଡା ଶାଖାର କର୍ମକର୍ତ୍ତା ଉପସ୍ଥିତ ସମସ୍ତଙ୍କୁ ଭାଗବତ ଟୁଙ୍ଗି ଗଠନର ମୂଳ ଉଦ୍ଦେଶ୍ୟ ଉପରେ ବୁଝାଇବା ସହ ଗୋବର୍ଦ୍ଧନ ମଠ ଓ ସନାତନ ଧର୍ମ ଉପରେ ଆଲୋକପାତ କରିଥିଲେ। ଏଥିସହ ପ୍ରତ୍ୟେକ ଦିନ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଭାଗବତର ଗୋଟିଏ ଅଧ୍ୟାୟ ଅଧ୍ୟୟନ କରିବା ସହ ନାମ ସଙ୍କୀର୍ତ୍ତନ କରିବାକୁ ପରାମର୍ଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମରେ ଆଦିତ୍ୟ ବାହିନୀ ମୁନିଗୁଡା ଶାଖା ଉପସଭାପତି ଜାମି ମହେଶ୍ୱର ରାଓ, ପ୍ରଚାରକ ବଂଶୀଧର ନନ୍ଦ, କ୍ଷୀତିଶ ସାହୁ, ତରଣୀ ବେହେରା, ହରିଚନ୍ଦ୍ର ଉଲାକାଙ୍କ ସମେତ ଗ୍ରାମର ଅନେକ ଭାଗବତପ୍ରେମୀ ଓ ଭକ୍ତଗଣ ଉପସ୍ଥିତ ଥିଲେ।


ଶ୍ରୀ ନୀଳ କନ୍ଦର ଭାଗବତ ଟୁଙ୍ଗିରେ ଭକ୍ତଙ୍କ ସମାଗମ।

# ୭୬ ଅଭିଯୋଗ ଶୁଣିଲେ ଜିଲାପାଳ


ଜିଲାପାଳ, ଏସ୍‌ପି ଅଭିଯୋଗର ଶୁଣାଣି କରୁଛନ୍ତି।

## ଜିଲାସ୍ତରୀୟ ଅଭିଯୋଗ ଶୁଣାଣି ଶିବିର

ରାୟଗଡ଼ା,୩।୨(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା ପ୍ରଶାସନ ତରଫରୁ ସୋମବାର ସ୍ଥାନୀୟ ଜିଲା ପରିଷଦ ସଦ୍‌ଭାବନା ସଭାଗୃହଠାରେ ସୋମବାର ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ପାରୁଲ ପଟୱାରିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଅଭିଯୋଗ ଶୁଣାଣି ଶିବିରରେ ଏସ୍‌ପି ସ୍ୱାଥି ଏସ. କୁମାର, ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ଚନ୍ଦ୍ରକାନ୍ତ ମାଝି, ଜିଲା ଶିକ୍ଷା ଅଧିକାରୀ ରାମ ନାହାକ, ଜିଲା ପଞ୍ଚାୟତ ଅଧିକାରୀ ସୂର୍ଯ୍ୟନାରାୟଣ ମହାରଣା ପ୍ରମୁଖ ଉପସ୍ଥିତ ରହି ଲୋକଙ୍କ ବିଭିନ୍ନ ଅଭିଯୋଗ ଶୁଣାଣି କରିଥିଲେ। ଏଥିରେ ମୋଟ ୭୬ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ୬୫ଟି ବ୍ୟକ୍ତିଗତ ଅଭିଯୋଗ ରହିଥିବା ବେଳେ ୧୧ଟି ସାମୂହିକ ଅଭିଯୋଗ ଥିଲା। ଏହି ଅଭିଯୋଗ ଶୁଣାଣିରେ ଜିଲାପାଳ ୧୦ ଜଣଙ୍କୁ ଚିକିତ୍ସା ପାଇଁ ମୁଖ୍ୟମନ୍ତ୍ରୀଙ୍କ ସହାୟତା କୋଷରୁ ୮୨ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରିଥିଲେ।

# ଦିବ୍ୟାଙ୍ଗ ପ୍ରମାଣପତ୍ରରେ ଭୁଲ୍ ତଥ୍ୟ ଯୋଗୁ ମିଳୁନି ସହାୟତା

ରାୟଗଡ଼ା,୩।୨(ଆଶିଷ ରଞ୍ଜନ ପଣ୍ଡା)

ଦିବ୍ୟାଙ୍ଗଙ୍କୁ ପରିହାସ ପାଲଟିଛି ଭିନ୍ନକ୍ଷମ ପ୍ରମାଣପତ୍ର । ଜଣେ ଦିବ୍ୟାଙ୍ଗ ଯୁବକ ୨୦୦୬ରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଯାଞ୍ଚ ପରେ ତାଙ୍କର ଶ୍ରବଣଶକ୍ତି ବହୁତ କମ୍ ରହିଥିବା ଯୋଗୁ ୯୦% ଦିବ୍ୟାଙ୍ଗ ବୋଲି ପ୍ରମାଣପତ୍ର ପାଇଥିଲେ । ହେଲେ ୨୦୨୫ ଜାନୁଆରୀ ୩୦ ତାରିଖରେ ପାଇଥିବା ଦିବ୍ୟାଙ୍ଗ ପ୍ରମାଣପତ୍ରରେ ଶ୍ରବଣ ଶକ୍ତି ୧୮% ରହିଥିବା ଉଲ୍ଲେଖ ରହିଛି। ଫଳରେ ରାଜ୍ୟ ସରକାର ବର୍ଦ୍ଧିତ କରିଥିବା ଦିବ୍ୟାଙ୍ଗ ଭତ୍ତା ବାବଦରେ ୩୫୦୦ ଟଙ୍କା ପାଇବାକୁ ସେ ଅଯୋଗ୍ୟ ହୋଇଛନ୍ତି ବୋଲି ଗାଜିଗାଁ ପଞ୍ଚାୟତ ମହକୁମା ଗ୍ରାମର ରଞ୍ଜିତ ମୋଗୁଲୁ (୨୮) ଅଭିଯୋଗ କରିଛନ୍ତି । ଏନେଇ ସେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଅଭିଯୋଗ କରିବା ପରେ ରଞ୍ଜିତଙ୍କ ସ୍ୱାସ୍ଥ୍ୟ ପୁନଃ ଯାଞ୍ଚକରି ପ୍ରମାଣପତ୍ର ଦେବାକୁ ଜିଲାପାଳ ପାରୁଲ ପଟୱାର ସିଡିଏମ୍‌ଓ ଡା. ଲାଲମୋହନ ରାଉତରାୟ ଏବଂ ଜିଲା ସାମାଜିକ ସୁରକ୍ଷା ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି।

ଘଟଣାରୁ ପ୍ରକାଶ ଯେ, ରଞ୍ଜିତଙ୍କ ଶ୍ରବଣଶକ୍ତି କମ୍ ରହିଥିବା କାରଣରୁ ୨୦୦୬ ଡିସେମ୍ବର ୫ ତାରିଖରେ ସେ ଦିବ୍ୟାଙ୍ଗ ପ୍ରମାଣପତ୍ର ପାଇଁ ଆବେଦନ କରିଥିଲେ। ତାଙ୍କର ସ୍ୱାସ୍ଥ୍ୟ ଯାଞ୍ଚ ପରେ ଉଭୟ କାନ ଖରାପ ଥିବାରୁ ୯୦% ଦିବ୍ୟାଙ୍ଗ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଏବେ ତାଙ୍କୁ ୧୮% ଦିବ୍ୟାଙ୍ଗ ରହିଥିବା ନେଇ ପ୍ରମାଣପତ୍ର ପ୍ରଦାନ କରାଯାଇଥିବାରୁ ସେ ରାଜ୍ୟ ସରକାରଙ୍କ ୮୦% ରୁ ଉର୍ଦ୍ଧ୍ୱ ଦିବ୍ୟାଙ୍ଗ ପ୍ରମାଣପତ୍ର ପାଇଥିବା ବ୍ଯକ୍ତିବିଶେଷଙ୍କ ପାଇଁ ନୂତନ ଭାବେ ବର୍ଦ୍ଧିତ ଭତା ୩୫୦୦ ଟଙ୍କା ପାଇବାରେ ଅଯୋଗ୍ୟ ବିବେଚିତ ହୋଇଛନ୍ତି। ତେଣୁ ରଞ୍ଜିତ ତାଙ୍କୁ ଉପଯୁକ୍ତ ପ୍ରମାଣପତ୍ର ଦେବା ନେଇ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି ।

# ବିଷମକଟକରେ ମାଣ୍ଡିଆ ମଣ୍ଡି ଉଦ୍‌ଘାଟିତ



ବିଷମକଟକ, ୩।୨ (ପ୍ରସନ୍ନ କୁମାର ପଣ୍ଡା)

ରାୟଗଡ଼ା ଜିଲା ବିଷମକଟକ ବହୁମୁଖୀ ପ୍ରକ୍ରିୟାକରଣ କେନ୍ଦ୍ରଠାରେ ସୋମବାର ମାଣ୍ଡିଆ ମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ବିଷମକଟକ ବିଡିଓ ସଦାଶିବ ନାୟକ ମଣ୍ଡି ଉଦ୍‌ଘାଟନ କରିଥିଲେ। ଏହି ସମୟରେ ବିଷମକଟକ ବ୍ଲକ ଉପାଧ୍ୟକ୍ଷ ଦେବୀ ପଟ୍ଟନାୟକ, ଓର୍ମାସର ଡେପୁଟି ସିଇଓ ମନୋଜ କୁମାର ପାତ୍ର, ଧରଣୀପେନୁ ସଂସ୍ଥାର ନିକୁଞ୍ଜ ବିହାରୀ ପ୍ରଧାନ, କଷ୍ଟର ଟୁର ନିରଞ୍ଜନ ନାୟକ ଓ ଏଗ୍ରିକଲଚର ଅଫିସର ଘନଶ୍ୟାମ ହାଇବ୍ରୁ ପ୍ରମୁଖ ଉପସ୍ଥିତ ଥିଲେ।

# ବାର୍‌ହା ଫାଶରେ ପଡି ବୃଦ୍ଧ ଗୁରୁତର

ଜଗନ୍ନାଥପ୍ରସାଦ,୩।୨(ବିଭୁ ପ୍ରସାଦ ପଟ୍ଟନାୟକ)

ଜଗନ୍ନାଥପ୍ରସାଦ ଥାନା ଅଧୀନ ଲଙ୍କାଗଡ଼ ବନ୍ଦିରିଆ ସାହିର କାମ୍ପ ନାଇକ (୮୦) ଶିକାରୀଙ୍କ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଗୁରୁତର ହୋଇଛନ୍ତି। ତାଙ୍କୁ ପ୍ରଥମେ ଜଗନ୍ନାଥପ୍ରସାଦ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି। କାମ୍ପ ଜଣେ ଦିନ ମଜୁରିଆ। ସବୁଦିନ ପରି ସୋମବାର ମଧ୍ୟାହ୍ନରେ ଜଙ୍ଗଲକୁ କାଠ ସଂଗ୍ରହ ପାଇଁ ଯାଉଥିବା ବେଳେ ଗ୍ରାମ ନିକଟ ପେଟାପଲ୍ଲୀଠାରେ ଥିବା ଆମ୍ବତୋଟା ବିଲମାଳରେ ବାର୍‌ହା ଶିକାର ପାଇଁ ବିଛାଯାଇଥିବା ବିଦ୍ୟୁତ ତାର ଗୋଡ଼ରେ ଗୁଡେଇ ହୋଇଥିଲା। ଖବରପାଇ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ଆଣିଥିଲେ। ବିଦ୍ୟୁତ ବିଭାଗ ଓ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତନାଘନା ଜାରି ରଖିଛନ୍ତି।

# ୧ ହଜାରରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା


ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା କରାଯାଉଛି।

ମୁନିଗୁଡ଼ା,୩।୨ (ନନ୍ଦ କିଶୋର ପଟ୍ଟନାୟକ)

ସୁରେନ୍ଦ୍ର ସାଏ ଦିବ୍ୟ ଦୃଷ୍ଟି ଯୋଜନାରେ ଶିଶୁ, କିଶୋର ଓ କିଶୋରୀଙ୍କ ଚକ୍ଷୁର ସୁରକ୍ଷାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ସମସ୍ତ ବିଦ୍ୟାଳୟର ବିଦ୍ୟାର୍ଥୀଙ୍କ ଚକ୍ଷୁ ପରୀକ୍ଷା, ଚିକିତ୍ସା ଏବଂ ଆବଶ୍ୟକସ୍ଥଳେ ଚଷମା ଯୋଗାଇ ଦେବାର ବ୍ୟବସ୍ଥା କରିଛନ୍ତି। ଏହି କ୍ରମରେ ଜାନୁଆରୀ ୨୮ତାରିଖରୁ ମୁନିଗୁଡାର ବିଭିନ୍ନ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ମାଗଣା ଚକ୍ଷୁ ପରୀକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁନିଗୁଡ଼ା ବିଇଓ ଭି.ଭାସ୍କର ରାଓଙ୍କ ତତ୍ତ୍ୱାବଧାନରେ ମୁନିଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମିଳିତ ଉଦ୍ୟମରେ ଆୟୋଜିତ କାର୍ଯ୍ୟକ୍ରମରେ ଗତ ୫ ଦିନ ଧରି ମୁନିଗୁଡା ବ୍ଲକର ଆଦର୍ଶ ବିଦ୍ୟାଳୟ, ଯୋଶୀ ସ୍କୁଲ, ଅମ୍ଳଭଟ୍ଟା ପ୍ରାଥମିକ ବିଦ୍ୟାଳୟ, ମୁନିଗୁଡ଼ା କନ୍ୟାଶ୍ରମ, ମୁନିଖୋଲ ଶିକ୍ଷାନୁଷ୍ଠାନରେ କୁନି କୁନି ଛାତ୍ରୀଛାତ୍ରଙ୍କ ମାଗଣା ଚକ୍ଷୁ ପରୀକ୍ଷା ଏବଂ ଚିକିତ୍ସା କରାଯାଇଥିଲା। ଏହି ଶିବିରରେ ଡାକ୍ତର ଜି.ବିନୋଦ ଓ ଡ଼ାକ୍ତର ମାନସ ନାୟକ ଉପସ୍ଥିତ ରହି ପ୍ରାୟ ୧ ହଜାରରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା କରିଥିଲେ। ଚକ୍ଷୁରେ ସାଧାରଣ ସମସ୍ୟା ଥିବା ୨୮୯ ଛାତ୍ରଛାତ୍ରୀଙ୍କୁ ଚଷମା ପ୍ରଦାନ କରାଯିବ ବୋଲି ଜଣାପଡିଛି । ଅନେକ ଗରିବ ଛାତ୍ରୀଛାତ୍ର ଯେଉଁମାନଙ୍କର ଚକ୍ଷୁ ସମସ୍ୟାରେ ପିଡିତ ଥିଲେ ସେମାନେ ସୁଦୂର ରାୟଗଡ଼ା କିମ୍ବା ବ୍ରହ୍ମପୁର ହସ୍ପିଟାଲ ଯିବା ସମ୍ଭବପର ହେଉ ନ ଥିଲା। ରାଜ୍ୟ ସରକାରଙ୍କ ଏହି ଅଭିନବ ଯୋଜନା ଅନେକ ବିଦ୍ୟାର୍ଥୀଙ୍କ ଆଖିରେ ନୂଆ ସ୍ୱପ୍ନ ଭରିଦେଇଛି ବୋଲି ବିଇଓ ରାଓ ପ୍ରକାଶ କରିଥିଲେ । ଚକ୍ଷୁ ପରୀକ୍ଷା ଓ ଚିକିତ୍ସା କାର୍ଯ୍ୟକ୍ରମ ପରିଚାଳନାରେ ବ୍ଲକର ସମସ୍ତ ସିଆରସିସି ଓ ବିଦ୍ୟାଳୟର ଶିକ୍ଷୟତ୍ରୀ ଶିକ୍ଷକ ସହଯୋଗ କରିଥିଲେ।

# ଭାଷା, ସାହିତ୍ୟ, ସଂସ୍କୃତି ଓ ପରମ୍ପରାର ମହାମିଳନ

## ତ୍ରୟୋଦଶ ରାଜ୍ୟସ୍ତରୀୟ ବଂଶଧାରା ବସନ୍ତ ମହୋତ୍ସବ ଉଦ୍‌ଯାପିତ

ଗୁଣପୁର,୩।୨(ପ୍ରଦୀପ କୁମାର ପାଢ଼ୀ)

୬ ଦିନ ଧରି ଅନୁଷ୍ଠିତ ରାଜ୍ୟସ୍ତରୀୟ ବଂଶଧାରା ବସନ୍ତ ମହୋତ୍ସବ ରବିବାର ଉଦ୍‌ଯାପିତ ହୋଇଛି । ଗତ ଏକ ମାସ ଧରି ବିଭିନ୍ନ ପ୍ରକାରର ଖେଳ, ପ୍ରତିଯୋଗିତା ସହ ସଭା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲିଥିବାବେଳେ ରବିବାର ଏହା ଶେଷ ହୋଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଗୁଣପୁର ବିଧାୟକ ସତ୍ୟଜିତ ଗମାଙ୍ଗ, ସମ୍ମାନିତ ଅତିଥି ଭାବେ ରାୟଗଡ଼ା ବିଧାୟକ ଆପାଲାସ୍ୱାମୀ କାଡ୍ରାକା ଓ ବିଷମକଟକ ବିଧାୟକ ନୀଳମାଧବ ହିକ୍କା, ଗୁଣପୁର ବ୍ଲକ ଅଧ୍ୟକ୍ଷା ଝିଲ୍ଲୀ ଶବର, ଗୁଣପୁର ପୌର ପରିଷଦ ଉପାଧ୍ୟକ୍ଷ ଶିବ ପ୍ରସାଦ ଗୌଡ଼ ଓ ବ୍ଲକ ଉପାଧ୍ୟକ୍ଷ ସୁଦର୍ଶନ ଶବର ମଞ୍ଚାସୀନ ଥିଲେ। ଏହି ଉତ୍ସବ ଆଉ ରାଜ୍ୟସ୍ତରୀୟ ଉତ୍ସବ ହୋଇ ରହିନାହିଁ, ଏହା ଆନ୍ତର୍ଜାତୀୟ ସ୍ତରରେ ସୁନାମ ଅର୍ଜନ କରିପାରିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଗୁଣପୁରର ଗଣ ପର୍ବ ଭାବେ ପରିଚିତ ଏହି ଉତ୍ସବରେ ଭାଷା, ସାହିତ୍ୟ, ସଂସ୍କୃତି ଓ ପରମ୍ପରାର ମହାମିଳନର ପର୍ବ ପାଲଟିଛି। ଏଥିସହ ଏହି ଉତ୍ସବ ଲୁକ୍କାୟିତ ପ୍ରତିଭା ଲୋକଲୋଚନକୁ ଆଣିପାରୁଛି ବୋଲି ଅତିଥିମାନେ ମତ ରଖିଥିଲେ। ଗୁଣପୁର ଅଞ୍ଚଳର ବିକାଶ ପାଇଁ ବିଭିନ୍ନ ପ୍ରକଳ୍ପର ଆବଶ୍ୟକତା ନେଇ ମଞ୍ଚରେ ପୌର ଉପାଧ୍ୟକ୍ଷ ଗୌଡ ଅତିଥିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

ନବ ନିର୍ମାଣ ସମିତିର ସଭାପତି ଅକ୍ଷୟ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉଦ୍‌ଯାପନୀ ଉତ୍ସବରେ ଉପ ସଭାପତି ଉମା ଶଙ୍କର ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସାଧାରଣ ସମ୍ପାଦକ ରଞ୍ଜିତ ପାଢି ଚଳିତ ବର୍ଷ କାର୍ଯ୍ୟକ୍ରମର ବିବରଣୀ ରଖିଥିଲେ। ଶେଷରେ ଉତ୍ସବ ଅବସରରେ ହୋଇଥିବା କ୍ରୀଡା ଓ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ କ୍ରୀଡା ପରିଷଦର ସମ୍ପାଦକ ସପନ ଦାସ ସଂଯୋଜନା କରିଥିଲେ । ଶେଷରେ ସୁନାମ ଧନ୍ୟ ସମ୍ବଲପୁରୀ ଗାୟକ ଆକାଶ ପଟ୍ଟନାୟକ ଓ ସାଥିଙ୍କ ଦ୍ୱାରା ରଙ୍ଗାରଙ୍ଗ ମେଲୋଡି ସହ ଲୋକନୃତ୍ୟ ଦର୍ଶକଙ୍କୁ ଝୁମାଇଥିଲା । ଉତ୍ସବରେ ବରିଷ୍ଠ ଓକିଲ ଉମା ପଟ୍ଟନାୟକ, ବ୍ରହ୍ମାନନ୍ଦ ପଟ୍ଟନାୟକ, ରାଜେନ୍ଦ୍ର ପାଢି, କାର୍ଯ୍ୟକାରୀ ସଭାପତି ଏସ. ବାବା ପ୍ରସାଦ, ରାମ ପଣ୍ଡା, ଶକ୍ତି ଦାସ, ବି. ସତିଶ କୁମାର, ଅଜିତ ପଣ୍ଡା, ମୁନା ପାଢ଼ୀ, ଟୁନା ମିଶ୍ର, ଲାଡି ଗୋପାଲା, ରାଜେଶ ପାଢ଼ୀ, ଦୀପୁ ପଟ୍ଟନାୟକ, ସିଏଚ ଶ୍ରୀନୁ, କେ. କିଶୋର କୁମାର, ରବି କୁମାର, ଦିନେଶ ଅଧିକାରୀ, ଇପିଲି ସାବରିସ, ରମେଶ ମିଶ୍ର, ଚିନ୍ନା କେଶ୍ୱର, ରିଙ୍କୁ ଦାସ, ଶିବ ସାହୁ, ମେଘନାଦ ଚୌଧୁରୀ, ପ୍ରବିଣ ଶବର ପ୍ରମୁଖ ସକ୍ରିୟ ଭୂମିକା ନିଭାଇଥିଲେ । ଏହି ଅବସରରେ ଚଳିତ ଥର ପ୍ରଥମ କରି ଜନଜାତିଙ୍କ କଳା ସଂସ୍କୃତି ମଧ୍ୟରେ ସାର୍ବଜନୀନ ସରସ୍ୱତୀ ପୂଜା ଓ ପ୍ରତିଭା ପ୍ରଦର୍ଶନୀ ମେଳା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ଆରମ୍ଭରେ ମହାଆରତୀ ଅନୁଷ୍ଠିତ ହେବାପରେ ସଭା ପ୍ରାରମ୍ଭରେ ବଂଶଧାରା ସ୍ମରଣିକାର ଉନ୍ମୋଚନ କରାଯାଇଥିଲା । ଏହି ମଞ୍ଚରେ ୫୦ ବର୍ଷ ଧରି ଗୁଣପୁରରେ ଡାକ୍ତରୀ ସେବା ଯୋଗାଇଥିବା ଡ. ରାମ ନାରାୟଣ ମହାନ୍ତିଙ୍କୁ ସେବା ସମ୍ମାନ ଦିଆଯାଇ ପୁରସ୍କୃତ କରାଯାଇଥିଲା।



ଅତିଥିମାନେ ବଂଶଧାରା ସ୍ମରଣିକା ଉନ୍ମୋଚନ କରୁଛନ୍ତି।



ମଞ୍ଚରେ ସମ୍ବଲପୁରୀ ଗାୟକ ଆକାଶ ପଟ୍ଟନାୟକ ଓ ସାଥି ସଙ୍ଗୀତ ପରିବେଷଣ କରୁଛନ୍ତି ।

## ସଂକ୍ଷେପରେ

### କଲେଜ ଛାତ୍ରଙ୍କୁ ଛୁରାମାଡ

ଜୟପୁର,୩।୨(ପବନ ପାଣିଗ୍ରାହୀ)

ଜୟପୁର ବିକ୍ରମଦେବ ବିଶ୍ୱବିଦ୍ୟାଳୟର ଜଣେ ଛାତ୍ରଙ୍କୁ ଏକାଧିକ ଅଣଛାତ୍ର ଛୁରା ମାଡ କରି ହତ୍ୟା ଉଦ୍ୟମ କରିଥିବା ଟାଉନ ଥାନାରେ ସୋମବାର ଅଭିଯୋଗ ହୋଇଛି। ବିଶ୍ୱବିଦ୍ୟାଳୟ ହଷ୍ଟେଲ ଛାତ୍ରମାନେ ସରସ୍ୱତୀ ମୂର୍ତ୍ତି ବିସର୍ଜନ କରିବାକୁ କେନାଲକୁ ଯାଇ ଫେରୁଥିବା ବେଳେ ସ୍ଥାନୀୟ ଦଶହରା ପଡିଆରେ କେତେକ ଯୁବକ ଅପେକ୍ଷା କରିଥିଲେ। ଛାତ୍ର ରାମଚନ୍ଦ୍ର ମାଝୀ ଓ ତାଙ୍କ ସହଯୋଗୀ କୈଳାସ ମାଝିଙ୍କ ମୋବାଇଲ ଜଣେ ଅଣ ଛାତ୍ର ଛଡାଇ ନେବାକୁ ଚେଷ୍ଟା କରିଥିଲେ। ରାମଚନ୍ଦ୍ର ଓ ତାଙ୍କ ସାଙ୍ଗ ବିରୋଧ କରିବାରୁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଅଣଛାତ୍ର ଜଣକ ସ୍ଥାନୀୟ ପିଲାଙ୍କୁ ଡାକି ରାମଚନ୍ଦ୍ରଙ୍କ ପେଟରେ ଛୁରି ଭୁସି ଆକ୍ରମଣ କରିଥିଲେ। ରାମଚନ୍ଦ୍ରଙ୍କୁ ଜୟପୁର ଜିଲା ଚିକିତ୍ସାଳୟରେ ଭର୍ତ୍ତି କରିବା ପରେ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ କୋରାପୁଟ ଲକ୍ଷ୍ମଣ ନାୟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ରେଜିଷ୍ଟ୍ରର ରଞ୍ଜନ ପ୍ରଧାନ ଟାଉନ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଥାନା ଅଧିକାରୀ ରାମଣୀ ରଞ୍ଜନ ଦଲେଇ ସୂଚନା ଦେଇଛନ୍ତି।

### ବିଦ୍ୟାଳୟ ସମ୍ମୁଖରୁ ଉଠିଲା ମୃତଦେହ

ଗଛରୁ ପଡି ଛାତ୍ର ମୃତ ଘଟଣା

ପଟ୍ଟାଙ୍ଗି,୩।୨(ଶରତ କୁମାର ଧଳ)

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ୍ ୟୁଜିଏଚ୍ଏସ୍ ତଳଗୋଲୁର ବିଦ୍ୟାଳୟର ଛାତ୍ର ନଡ଼ିଆ ଗଛରୁ ପଡି ଚିକିତ୍ସାଧିନ ଅବସ୍ଥାରେ ମୃତ ଘଟଣାରେ ପରିବାର ଓ ସମ୍ପର୍କୀୟ ରବିବାର ସ୍କୁଲ ଫାଟକ ସମ୍ମୁଖରେ ମୃତଦେହ ରଖି ପ୍ରତିବାଦ କରିଥିଲେ। ଶିକ୍ଷକମାନଙ୍କଠାରୁ କ୍ଷତିପୂରଣ ପ୍ରତିଶ୍ରୁତି ମିଳିବା ପରେ ରାତିରେ ମୃତଦେହ ଉଠିଥିବା ଓ ସିଙ୍ଗାରିଗୁଡ଼ି ଗ୍ରାମକୁ ନିଆଯାଇଥିବା ଜଣାପଡ଼ିଛି। ବିଦ୍ୟାଳୟରେ ଜଣେ ଛାତ୍ରଙ୍କ ମୃତ୍ୟୁ ହେବା ସହ ମୃତଦେହ ରଖି ପ୍ରତିବାଦ ପରି ଘଟଣା ପରେ ମଧ୍ୟ ବ୍ଲକ ଶିକ୍ଷାଧିକାରୀ ଓ ଜନପ୍ରତିନିଧି ପହଞ୍ଚି ନ ଥିଲେ। ପରେ ବ୍ଲକ ଶିକ୍ଷାଧିକାରୀ ବିଦ୍ୟାଳୟରେ ପହଞ୍ଚି ଏ ନେଇ ଶିକ୍ଷକମାନଙ୍କ ସହ ଆଲୋଚନା କରିଥିଲେ। ସ୍ଥାନୀୟ ସରପଞ୍ଚ ଓ ମୃତକ ପରିବାର ସହ କୌଣସି ଆଲୋଚନା ନ କରି ଫେରିଥିବା ଅଭିଯୋଗ ହୋଇଛି। ସୋମବାର ତଳଗୋଲୁର ପଞ୍ଚାୟତ କାର୍ଯ୍ୟାଳୟରେ ଜନଶୁଣାଣି କାର୍ଯ୍ୟକ୍ରମକୁ ଆସିଥିବା ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁକାନ୍ତ କୁମାର ପଟ୍ଟନାୟକ ଏବଂ ତହସିଲଦାର ଦେବେନ୍ଦ୍ର ବାହାଦୂର ସିଂ ଧାରୁଆ ମୃତ କିରଣଙ୍କ ବାପା ପେଟେଲି ସୁବାରାଓଙ୍କୁ ରେଡକ୍ରସ୍ ଅନୁଦାନରୁ ୧୦ ହଜାର ଟଙ୍କାର ଏକ ଚ୍ୟାକ୍ ପ୍ରଦାନ କରିଥିଲେ।

### ପୋଲିସ ବିଭାଗର ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି

କୋରାପୁଟ, ୩।୨(ଅମିତାଭ ବେହେରା)

କୋରାପୁଟ ଜିଲା ପୋଲିସ ପଡ଼ିଆରେ ୨୦୧୭ ଫେବୃଆରୀ ୧ରେ ସୁଙ୍କି ଘାଟି ଲ୍ୟାଣ୍ଡମାଇନ୍ ବିସ୍ଫୋରଣରେ ଶହୀଦ ହୋଇଥିବା ଯବାନଙ୍କୁ ପୋଲିସ ବିଭାଗ ପକ୍ଷରୁ ଶନିବାର ଶ୍ରଦ୍ଧାଞ୍ଜଳି ଦିଆଯାଇଛି। କୋରାପୁଟ ଏସ୍‌ପି ରୋହିତ୍ ବର୍ମା ଓ ପୋଲିସ ବନ୍ଧୁମାନେ ପୁଷ୍ପମାଳ ଦେଇ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ସୂଚନାଯୋଗ୍ୟ, କୋରାପୁଟରୁ ଅନୁଗୋଳ ଜିଲାକୁ ବସ୍ ଯୋଗେ ଆନ୍ଧ୍ର ରାସ୍ତା ଦେଇ ପୋଲିସ ଟ୍ରେନିଂ ପାଇଁ ଯାଉଥିବା ବେଳେ ସୁଙ୍କି ଘାଟିରେ ନକ୍ସଲଙ୍କ ଦ୍ୱାରା ବିଛାଯାଇଥିବା ଲ୍ୟାଣ୍ଡମାଇନ ବିସ୍ଫୋରଣ ହୋଇଥିଲା। ବସ୍‌ରେ ଯାଉଥିବା ପୋଲିସଙ୍କ ମଧ୍ୟରୁ ୭ ଜଣଙ୍କ ମୃତ୍ୟୁ ହୋଇଥିଲା ଓ ଅନେକ ଆହତ ହୋଇଥିଲେ। ଶହୀଦଙ୍କ ବଳିଦାନ ବ୍ୟର୍ଥ ଯିବନାହିଁ। ଏହି ଅମର ଯବାନ୍‌ମାନେ ଚିରସ୍ମରଣୀୟ ହୋଇ ରହିବେ ବୋଲି ପୋଲିସ ବନ୍ଧୁମାନେ କହିଛନ୍ତି । ଏଥିରେ ଉପସ୍ଥିତ ଶହୀଦଙ୍କ ପରିବାରକୁ ଏସ୍‌ପି ବର୍ମା ସାନ୍ତ୍ୱନା ଦେଇଥିଲେ। କାର୍ଯ୍ୟକ୍ରମରେ ପୋଲିସ ସଂଘର ସଭାପତି ଗିରିଜା ଶଙ୍କର ନାୟକ, ସମ୍ପାଦକ ନକୁଳ ସୁନା, ଉପସଭାପତି ଧନେଶ୍ୱର ମୁଦୁଲି, ଆର୍‌ଆଇ ଏସ୍. ଜୀବନ ସଂଗ୍ରାମ, ତୁଳସୀ ଧର ମାଝୀ, ସଞ୍ଜୟ କୁମାର ଦାସ, ସୁବର୍ଣ୍ଣ କୁମାର ରାଜ, ଅରୁଣ କୁମାର ନାୟକ, ପ୍ରଦୀପ କୁମାର ରାଉତ ଓ ଗଣେଶ ପ୍ରସାଦ ସାହା ପ୍ରମୁଖ ଉପସ୍ଥିତ ଥିଲେ।

# ଅଭିଯୋଗ ଶୁଣି ସମାଧାନ ନିର୍ଦ୍ଦେଶ ଦେଲେ ଜିଲାପାଳ

■ ଜିଲାସ୍ତରୀୟ ଜନଶୁଣାଣି ଶିବିର

■ ସମିତିସଭ୍ୟାଙ୍କ ବିଭିନ୍ନ ଗୁରୁତର ଅଭିଯୋଗ

ସୁନାବେଡ଼ା/ସେମିଳିଗୁଡ଼ା,୩।୨ (କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)



ଶିବିରରେ ଜିଲାପାଳ ଭି.କୀର୍ତ୍ତି ଭାସନ ଓ ଅନ୍ୟ ଅଧିକାରୀ ଅଭିଯୋଗ ଶୁଣୁଛନ୍ତି।

ସେମିଳିଗୁଡ଼ା ବ୍ଲକ୍ କାର୍ଯ୍ୟାଳୟ ପରିସରରେ କୋରାପୁଟ ଜିଲା ପ୍ରଶାସନ ପକ୍ଷରୁ ଜିଲାସ୍ତରୀୟ ଏକ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। କୋରାପୁଟ ଜିଲାପାଳ ଭି. କୀର୍ତ୍ତିଭାସନଙ୍କ ଅଧ୍ୟକ୍ଷତାରେ ୫୩ ଅଭିଯୋଗର ଶୁଣାଣି ହୋଇଥିଲା। ସେଥିରେ ସ୍ୱାସ୍ଥ୍ୟ, ଶିକ୍ଷା, ଗମନାଗମନ, ପାନୀୟଜଳ, ଲାଇଟ, ଜମିଜମା, ଭତ୍ତାବଣ୍ଟନ ଓ ପଞ୍ଚାୟତର ବିଭିନ୍ନ ସମସ୍ୟା ଆଦି ରହିଥିଲା। ବ୍ଲକ୍ ଅଧ୍ୟକ୍ଷା ଲିଲି ଅଷ୍ଟାବିରିଆ ଓ ଉପାଧ୍ୟକ୍ଷ ଶିବା ବାଙ୍ଗାରି ଓ ଜିଲାର ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଅଭିଯୋଗଗୁଡିକର ତୁରନ୍ତ ସମାଧାନ କରିବାକୁ ଜିଲାପାଳ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ଦୁଧାରୀ ପଞ୍ଚାୟତ ସମିତିସଭ୍ୟା ସୁସୁମା ପାଙ୍ଗୀ ଅନେକ ଗୁରୁତର ଅଭିଯୋଗ ଆଣିଥିଲେ। ୨୦୨୪ ମାର୍ଚ୍ଚ ୬ରେ ଶେଷ ପଞ୍ଚାୟତ ବୈଠକ ହୋଇଥିଲା। ବର୍ଷେ ବିତିବାକୁ ଥିବା ବେଳେ ପଞ୍ଚାୟତ ବୈଠକ ହୋଇ ନ ଥିବା, ସ୍ଥାୟୀ କମିଟି ସ୍ଥାପନ ନ କରିବା,ଗ୍ରାମ ସଭାରେ ବିଭାଗୀୟ ଅଧିକାରୀ ଅନୁପସ୍ଥିତ ରହିବା ଏବଂ ୨୦ ପ୍ରତିଶତ ପିସି କାରବାର ଚାଲିଥିବା ଆଦି ସେ ଅଭିଯୋଗ କରିଥିଲେ। ସେମିଳିଗୁଡା ବ୍ଲକ୍ ଚାରାଙ୍ଗୁଲ ପଞ୍ଚାୟତ ଗୌଡ଼ଗୁଡ଼ାର ଭକ୍ତ ଗୌଡ଼ ଗ୍ରାମରେ ଏକ କମ୍ୟୁନିଟି ହଲ୍ ନିର୍ମାଣ କରିବାକୁ ନିବେଦନ କରିଥିଲେ ସୁଦ୍ଧା ଏହା ହେଉ ନ ଥିବା ଅଭିଯୋଗ କରିଥିଲେ। ସୋରିଷ ପଦର ପଞ୍ଚାୟତ ଡୁମୁରିଗୁଡ଼ା ଗାଁରେ ସୋଲାର ଲାଇଟ ଲଗାଇବା ନେଇ ଗ୍ରାମବାସୀ ନିବେଦନ କରିଥିଲେ। ସରକାରୀ ମଣ୍ଡିରେ ଧାନ ବିକ୍ରୟ ପରେ ୨୪ଘଣ୍ଟା ମଧ୍ୟରେ ବ୍ୟାଙ୍କ ଜମାଖାତାକୁ ଟଙ୍କା ଆସି ନ ଥିବା ହାଟଗୁଡ଼ା ପଞ୍ଚାୟତ ମାଳିଦୁସୁରା ଗାଁର ମହେଶ୍ୱର ଖିଲ ଅଭିଯୋଗ କରିଥିଲେ। ୨୬ ନଂ. ଜାତୀୟ ରାଜପଥ କଡ଼ରେ ବିଭାଗର ବହୁ ଦିନରୁ ପଡ଼ି ରହିଥିବା ଅଳିଆ ଆବର୍ଜନା ସହ ମାଟି ଗଦାକୁ ହଟାଇବା ପାଇଁ ଜିଲାପାଳଙ୍କୁ ସେମିଳିଗୁଡ଼ା ଅଞ୍ଚଳର ସାମାଜିକ କର୍ମୀ ସୁକାନ୍ତ ସାମଲ ଅନୁରୋଧ କରିଥିଲେ। ୬୦ ପ୍ରତିଶତ ଭିନ୍ନକ୍ଷମ ଶିକ୍ଷୟିତ୍ରୀ ନମିତା ମଞ୍ଜରୀ ନାୟକ ଗମନାଗମନ ଭତ୍ତା ପାଇଁ ଜିଲାପାଳଙ୍କ ନିକଟରେ ଫେରାଦ ହୋଇଥିଲେ। ସରକାର ଭିନ୍ନକ୍ଷମ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ପାଇଁ ୭୫୦ ଟଙ୍କାର ଏକ ସ୍ୱତନ୍ତ୍ର ଭତ୍ତା ପ୍ରଦାନ କରୁଥିଲେ ସୁଦ୍ଧା ୨ ବର୍ଷ ହେବ ନମିତା ଶିକ୍ଷା ବିଭାଗର ବ୍ଲକ ଅଧିକାରୀଙ୍କୁ ନିବେଦନ କରିଥିଲେ ମଧ୍ୟ ଏଯାଏ ସେଥିରୁ ବଞ୍ଚିତ ଥିବା ସେ କହିଛନ୍ତି। ଜିଲାପାଳ ଭାସନ ବ୍ଲକ୍ ପରିସରେରେ ଚାରାରୋପଣ କରିଥିଲେ। ଏଥିରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ବେଣୁଧର ଶବର, କୋରାପୁଟ ସିଡିଏମ୍‌ଓ ବରଦାକାନ୍ତ ମିଶ୍ର, ଏସ୍‌ପି ରୋହିତ ବର୍ମା,ସୁନାବେଡ଼ା ଏସ୍‌ଡିପିଓ ତଥା ଏଏସ୍‌ପି ମନୋବ୍ରତା ଶତପଥୀ, ସେମିଳିଗୁଡ଼ା ବିଡିଓ ଯସ୍ମିନ ପ୍ରଧାନ,ସେମିଳିଗୁଡ଼ା ତହସିଲଦାର ଦେବବ୍ରତ କରାତେ ଓ ସୁନାବେଡା ପୌର ପରିଷଦ ନିର୍ବାହୀ ଅଧିକାରୀ ନାରାୟଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# କ୍ରୀଡ଼ା କମ୍ପ୍ଲେକ୍ସରେ ତାଲା ପକାଇଲେ ଠିକାଦାର

ଜୟପୁର, ୩।୨(ପବନ ପାଣିଗ୍ରାହୀ)

**ବିଭାଗର ହସ୍ତକ୍ଷେପ ପରେ ଖୋଲିଲା ଫାଟକ**

କୋରାପୁଟ ଜିଲା ଜୟପୁର ମୁଖ୍ୟ ଚିକିତ୍ସାଳୟ ନିକଟରେ ନିର୍ମାଣ ହୋଇଥିବା କ୍ରୀଡ଼ା କମ୍ପ୍ଲେକ୍ସର ବକେୟା ବିଲ ପୈଠ ହୋଇନଥିବାରୁ ଠିକାଦାର ଏହାର ମୁଖ୍ୟ ଫାଟକରେ ତାଲା ପକାଇଛନ୍ତି। ଜିଲା କ୍ରୀଡ଼ା ବିଭାଗର ହସ୍ତକ୍ଷପ ପରେ ଠିକାଦାର ତାଲା ଖୋଲିଥିଲେ। ସରକାରୀ ସମ୍ପତିରେ ଜୋର ଜବରଦସ୍ତ ତାଲା ପକାଇବା ଓ କେଉଁ କାରଣରୁ ବକେୟା ବିଲ ପୈଠ ହୋଇନାହିଁ ଏ ନେଇ କ୍ରୀଡ଼ାବିତ୍ ପ୍ରଶ୍ନ କରିଛନ୍ତି। ରାଜ୍ୟ ସରକାର ଏବଂ ସ୍ଥାନୀୟ ପ୍ରଶାସନ ହସ୍ତକ୍ଷେପ କରି ଦୋଷୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ କରିବାକୁ ଦାବି ହୋଇଛି। ଶୁକ୍ରବାର ଠିକାଦାର ମୁଖ୍ୟ ଫାଟକରେ ତାଲା ପକାଇଥିଲେ। ଏ ନେଇ ଜିଲା କ୍ରୀଡ଼ା ବିଭାଗକୁ ଖବର ପହଞ୍ଚିବା ପରେ ହସ୍ତକ୍ଷେପ କରାଯାଇ ବୁଝାଶୁଝା କରାଯାଇଥିଲା। ରବିବାର ସକାଳୁ ମଧ୍ୟ ମୁଖ୍ୟ ଫାଟକରେ ତାଲା ବନ୍ଦ ଥିବା ବେଳେ ବିଭାଗ ପକ୍ଷରୁ ଆଲୋଚନା କରାଯାଇ ତାଲା ଖୋଲା ଯାଇଥିଲା। ଏ ସମ୍ପର୍କରେ ଜିଲା କ୍ରୀଡ଼ା ଅଧିକାରୀ ଦାୟିତ୍ୱରେ ଥିବା ସୁବ୍ରତ ସାହୁଙ୍କୁ ଯୋଗାଯୋଗ କରିବାରୁ, ମାମଲାର ସମାଧାନ ହୋଇଛି ବୋଲି କହିଥିଲେ। ସୂଚନାଯୋଗ୍ୟ, ଜୟପୁରରେ କ୍ରୀଡ଼ା କମ୍ପ୍ଲେକ୍ସ ନିର୍ମାଣ ନେଇ ପ୍ରଥମ ପର୍ଯ୍ୟାୟରେ ୩୮କୋଟି ଟଙ୍କାର ଟେଣ୍ଡର ଆହ୍ୱାନ କରାଯାଇ କାର୍ଯ୍ୟ ଆରମ୍ଭ ହୋଇଥିଲା। ପରେ ଏହାର ପରିମାଣ ବୃଦ୍ଧି କରାଯାଇ ୪୫ କୋଟି ଟଙ୍କା ହୋଇଥିଲା।

# ହିତାଧିକାରୀଙ୍କୁ ପରିଚୟପତ୍ର, ସହାୟତା ପ୍ରଦାନ



ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ହିତାଧିକାରୀଙ୍କୁ ସହାୟତା ରାଶି ପ୍ରଦାନ କରୁଛନ୍ତି।

କୋରାପୁଟ/ବୋରିଗୁମ୍ମା,୩।୨ (ଅମିତାଭ ବେହେରା/ବିଜୟ ନାରାୟଣ ସାହୁ)

କୋରାପୁଟ ଜିଲା ବୋରିଗୁମ୍ମା ଟାଉନ ହଲ୍‌ରେ ପ୍ରଶାସନ ଓ ଶ୍ରମ ବିଭାଗର ମିଳିତ ଆନୁକୂଲ୍ୟରେ ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଏବଂ ଅଣ ସଂଗଠିତ ସାମାଜିକ ସୁରକ୍ଷା ବୋର୍ଡ ଅଧୀନରେ ଥିବା ହିତାଧିକାରୀଙ୍କୁ ପରିଚୟ ପତ୍ର ଏବଂ ବିଭିନ୍ନ ସହାୟତା ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି, ସମ୍ମାନିତ ଅତିଥି କୋଟପାଡ଼ ବିଧାୟକଙ୍କ ପ୍ରତିନିଧି ରାମକୃଷ୍ଣ ଭତ୍ରା ଏବଂ ଜିଲା ପରିଷଦ ସଭ୍ୟ ଜୋନ-୨ର ମଞ୍ଜୁଳା ଘାଷି, ଜିଲା ପରିଷଦ ସଭ୍ୟ ଜୋନ-୩ର ନୃସିହନାଥ ଶତପଥୀ, ଶ୍ରମ ଅଧିକାରୀ ସୋନାଲି ନାୟକ ଓ ଜିଲା ଶ୍ରମ ଆୟୁକ୍ତ ବୃନ୍ଦାବନ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ୧୨୫ ଜଣ ଯୋଗ୍ୟ ହିତାଧିକାରୀଙ୍କୁ ବିଭିନ୍ନ ସହାୟତା ପାଇଁ ୭୧,୫୪,୨୦୦ ରାଶି, ନୂତନ ଭାବେ ପଞ୍ଜୀକୃତ ହୋଇଥିବା ୨୫୦ଜଣ ନିର୍ମାଣ ଶ୍ରମିକଙ୍କୁ, ୧୧ଜଣ ଅଣ ସଂଗଠିତ ଶ୍ରମିକ ଉତ୍ତରାଧିକାରୀଙ୍କୁ ମୃତ୍ୟୁକାଳୀନ ସହାୟତା ବାବଦକୁ ୧୮ଲକ୍ଷ ଟଙ୍କା ଓ ନୂତନ ଭାବେ ପଞ୍ଜୀକୃତ ହୋଇଥିବା ୫୯ଜଣଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଥିଲା। ଯୁଗ୍ମ ଶ୍ରମ ଆୟୁକ୍ତ ନରେନ୍ଦ୍ର ରାଇକା ପରିଚାଳନା କରିଥଲେ। ଜିଲା ଶ୍ରମ ଅଧିକାରୀ ସବିତା କୁମାରୀ ନାୟକ ଶ୍ରମିକମାନଙ୍କୁ ସଚେତନ ବାର୍ତ୍ତା ଦେଇଥିଲେ। ବୁଲୁ ଶ୍ରୀହରିଆ ଧନ୍ୟବାଦ ଦେଇଥିଲେ। ସଭାରେ ଜୟପୁର, କୁନ୍ଦୁରା, ବନ୍ଧୁଗାଁ ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡର କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଜିଲାର ସେରୁ ପର୍ବତ ସୁରକ୍ଷା ଆହ୍ୱାନ

କୋରାପୁଟ,୩।୨(ଅମିତାଭ ବେହେରା)

କୋରାପୁଟ ଜିଲାର ସେରୁବନ୍ଧ ସୁରକ୍ଷା ସମିତି ପକ୍ଷରୁ ପଟ୍ଟାଙ୍ଗିର ମାଲିପୁଟ ପଞ୍ଚାୟତ ମାଡକାବନ୍ଧରେ ସେରୁ ପର୍ବତ ସୁରକ୍ଷା ନେଇ ଏକ ସମାବେଶ ଅନୁଷ୍ଠିତ ହୋଇଛି। ସମିତି ସଭାପତି ଭଗବାନ ଗୋଲାରିଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଲୋକଶକ୍ତି ଅଭିଯାନ ରାଜ୍ୟ ଆବାହକ ପ୍ରଫୁଲ୍ଲ ସାମନ୍ତରା, ସମ୍ମାନିତ ଅତିଥି ସରପଞ୍ଚ ଆଲମେ ଫୁଲ, ନୂଆଗାଁ ସରପଞ୍ଚ ସୁବାସ ଚନ୍ଦ୍ର ଖରା, କୋରାପୁଟିଆ ଜନ ସୁରକ୍ଷା ସଂଘ ସଭାପତି ଦାସୀ ନନ୍ଦିବାଲି, ବିଜୟ ଖିଲ, ବୈଦ୍ୟନାଥ ଗେମେଲ, ରବି ଖରା, କାହ୍ନୁ କନ୍ଦପାନ୍‌ଙ୍କ ସହ ମଦକବନ୍ଧ ଓ ସିପାଇପୁଟ ଅଞ୍ଚଳର ଶତାଧିକ ଗ୍ରାମବାସୀ ସାମିଲ ହୋଇଥିଲେ। ଏଥିରେ ନାଲ୍‌କୋ ଖଣି ଖନନ ପ୍ରସଙ୍ଗ, ସରକାରଙ୍କ ଷଡ଼ଯନ୍ତ୍ର, ଅଞ୍ଚଳର ପରିବେଶ, ଚାଷବାସ ଓ ଲୋକଙ୍କ ନ୍ୟାର୍ଯ୍ୟା ଦାବି ନେଇ ଆଲୋଚନା ହୋଇଥିଲା। ନିକଟ ଅଞ୍ଚଳକୁ ଆସୁଥିବା ଖଣି କମ୍ପାନୀକୁ ମିଳିତ ଭାବେ ବିରୋଧ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ନନ୍ଦପୁର ବାଲାଡା ଅଞ୍ଚଳବାସୀଙ୍କୁ ଖଣି ପାଇଁ ଗିରଫ କରାଯିବା ଘଟଣାକୁ ନିନ୍ଦା କରାଯାଇଥିଲା। ବଡଦେବତା, ଗଙ୍ଗମାଙ୍କ ପର୍ବରେ ଖଣି ବିରୋଧରେ ଅଞ୍ଚଳବାସୀ ଶପଥ ନେବେ ବୋଲି ପ୍ରସ୍ତାବ ପାରିତ ହୋଇଥିବା ଲୋକସକ୍ତି ଅଭିଯାନର ରାଜ୍ୟ ଆବାହକ ସାମନ୍ତରା କହିଛନ୍ତି।



ସଭାରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ ।

# ଦୁର୍ଘଟଣାରେ ମହିଳା ମୃତ

ଜୟପୁର,୩।୨(ପବନ ପାଣିଗ୍ରାହୀ)

ବାଇକ୍ ଚକାରେ ଶାଢି ଗୁଡେଇ ହେବା ପରେ ରାସ୍ତାରେ କଚାଡି ହୋଇ ପଡି ମହିଳାଙ୍କ ମୃତ୍ୟୁ ହୋଇଛି। ରବିବାର ବେରାଗୀ ମଠ ଅଞ୍ଚଳର କମଳ ଲୋଚନ ବେନିଆ ଓ ତାଙ୍କ ସ୍ତ୍ରୀ ଲକ୍ଷ୍ମୀ ବେନିଆ ଜୟପୁର ଅଭିମୁଖେ ବାଇକ୍(ଓଡି ୧୦ଇ ୬୭୪୭)ରେ ଯାଉଥିବା ବେଳେ ରଣ୍ଡାପାଲି ନିକଟରେ ଚକରେ ଶାଢି ଲାଗି ଯାଇଥିଲା। ଲକ୍ଷ୍ମୀ ରାସ୍ତାରେ କଚାଡି ହୋଇ ପଡିଯାଇଥିଲେ ଓ ତାଙ୍କ ମୁଣ୍ଡରେ ଆଘାତ ଲାଗିଥିଲା। ତାଙ୍କୁ ଜୟପୁର ମୁଖ୍ୟ ଚିକିତ୍ସାଳୟକୁ ନେବା ପରେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ସଦର ଥାନାରେ ଏକ ମାମଲା ରୁଜୁ ହୋଇଥିବା ସଦରଥାନା ଅଧିକାରୀ ଇଶ୍ୱର ତାଣ୍ଡି ସୂଚନା ଦେଇଛନ୍ତି।

# ଶବରୀ ନାରାୟଣ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ପୂର୍ଣ୍ଣାହୁତି

କୋରାପୁଟ,୩।୨ ( ଅମିତାଭ ବେହେରା)



କୋରାପୁଟ ଜିଲାର ସୁବାଇ ପଞ୍ଚାୟତ ଅନ୍ତର୍ଗତ ବିଲାପୁଟ ଗ୍ରାମରେ ଚାଲିଥିବା ଶବରୀ ନାରାୟଣ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବର ପୂର୍ଣ୍ଣାହୁତି ହୋଇଯାଇଛି। ଶ୍ରୀ ଜଗନ୍ନାଥ, ବଳଦେବ, ସୁଭଦ୍ରା ଏବଂ ସୁଦର୍ଶନଙ୍କୁ ରତ୍ନବେଦୀରେ ସ୍ଥାପନ କରାଯାଇ ମନ୍ଦିର ଚତୁପାର୍ଶ୍ୱରେ ଥିବା ମା' ଲକ୍ଷ୍ମୀ, ବିମଳା, ଗଣେଶ ଓ ହନୁମାନ ମୂର୍ତ୍ତିଙ୍କୁ ମଧ୍ୟ ସ୍ଥାପନ କରାଯାଇଛି। ଏଥିରେ କୋରାପୁଟ ବିଧାୟକ ରଘୁରାମ ମାଛ, ପଟ୍ଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡାମ, ଜିଲାପାଳ ଭି. କୀର୍ତ୍ତି ଭାସନ, ପୂର୍ବତନ ପଟ୍ଟାଙ୍ଗି ବିଧାୟକ ପ୍ରଫୁଲ୍ଲ ପାଙ୍ଗି, ପୂର୍ବତନ ବିଧାୟକ ରବି ନାରାୟଣ ନନ୍ଦ, ସୁନାବେଡା ପୌରାଧକ୍ଷ, ମନ୍ଦିରର ମୁଖ୍ୟ ପୁରୋଧା ଶାନ୍ତିଲତା ପାଣି, ଜଗନ୍ନାଥ ପାଣି, ମନ ମୋହନ ଅଗ୍ରୱାଲ, କୁନ୍ଦୁଲି ଆଶ୍ରମର ମନୁ ମହାରାଜ, ବିଲାପୁଟ ଗ୍ରାମର ନାୟକ ନାରାୟଣ ପ୍ରଧାନୀ, ପାର୍ବତୀ ପ୍ରଧାନୀ ଓ ଜଳେନ୍ଦ୍ର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଭଜନ ଓ କୀର୍ତ୍ତନ ଦଳ ଶୋଭାଯାତ୍ରାରେ ବାହାରି ବିଲାପୁଟ ଗ୍ରାମ ପରିଦର୍ଶନ କରିଥିଲେ। ମନ୍ଦିରର ବିଭିନ୍ନ ବିକାଶମୂଳକ କାର୍ଯ୍ୟକୁ ଆଗକୁ ନେବା ସହ ମନ୍ଦିର ପରିଚାଳନା ନେଇ କମିଟି ପକ୍ଷରୁ ବୈଠକ କରାଯିବ ବୋଲି ମନ୍ଦିର ସମ୍ପାଦକ ତଥା ମୁଖ୍ୟ ବିନ୍ଧାଣି ଲଳିତ ମୋହନ ପଟ୍ଟନାୟକ ସୂଚନା ଦେଇଛନ୍ତି।

# କୋଟପାଡ଼ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

କୋଟପାଡ଼,୩।୨(କେ.ରାଜଶେଖର ରାଓ)

କୋରାପୁଟ ଜିଲା କୋଟପାଡ଼ ମହାବିଦ୍ୟାଳୟର ୪୫ତମ ବାର୍ଷିକ ଉତ୍ସବ କଲେଜ ପରିସରରେ ସୋମବାର ଅନୁଷ୍ଠିତ ହେଇଯାଇଛି। ଏଥିରେ ମୁଖ୍ୟ ଅତିଥି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ,ସମ୍ମାନିତ ଅତିଥି ସ୍ଥାନୀୟ ବିଧାୟକ ରୂପୁ ଭତ୍ରା, ଜୟପୁର ଉପଜିଲାପାଳ ଆକାବରମ୍ ଶସ୍ୟା ରେଡ୍ଡୀ, ବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପ୍ରଦୀପ ଭୋଟ ଓ ଏମ୍‌ପି ପ୍ରତିନିଧି ରାମେଶ୍ୱର ଜେନା ଯୋଗ ଦେଇଥିଲେ। ମନ୍ତ୍ରୀ ଗଣ୍ଡ ତହସିଲ ପଡିଆ ନିକଟ ଦଳୀୟ କାର୍ଯ୍ୟାଳୟରେ କର୍ମୀମାନଙ୍କ ସହ ଆଲୋଚନା କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ଶେଷାନନ୍ଦ ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ରାଜ୍ୟ ସରକାର ଶିକ୍ଷା ପ୍ରତି ବିଶେଷ ଗୁରୁତ୍ୱ ଦେଉଥିବା ବେଳେ କେନ୍ଦ୍ର ଶିକ୍ଷା ନୀତି ରାଜ୍ୟରେ ଲାଗୁ ହେବାକୁ ଯାଉଛି ବୋଲି ମନ୍ତ୍ରୀ ଗଣ୍ଡ କହିଥିଲେ। ମହାବିଦ୍ୟାଳୟ ପାଇଁ ୧୦୦ ସିଟ୍ ହଷ୍ଟେଲ ନିର୍ମାଣ କରିବା ସହ ଉଚ୍ଚ ଓ ଉନ୍ନତମାନର ଶ୍ରେଣୀ ଗୃହ ଏବଂ ଖେଳ ପଡିଆ ନିର୍ମାଣ ପାଇଁ ୧ କୋଟି ଟଙ୍କା ମଞ୍ଜୁର କରିବି ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ନିଜ ପାଣ୍ଠିରୁ ବିଦ୍ୟାଳୟ ପାଇଁ ଏକ ସ୍ଥାୟୀ ମଞ୍ଚ ନିର୍ମାଣ କରିବାକୁ ଟଙ୍କା ମଞ୍ଜୁର କରିବେ ବୋଲି ବିଧାୟକ ଭତ୍ରା ପ୍ରତିଶ୍ରୁତି ଦେଇଥିଲେ। ବିଭିନ୍ନ କ୍ରୀଡ଼ାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଅଧ୍ୟାପକ ଓ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, କୋଟପାଡ଼ ବିଧାୟକ ରୂପୁ ଭତ୍ରା ଓ ଅନ୍ୟ ଅତିଥିମାନେ।

# ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର

ଜୟପୁର, ୩।୨(ପବନ ପାଣିଗ୍ରାହୀ)

ଜୟପୁର ବ୍ଲକ୍ ଅନ୍ତର୍ଗତ କାଳିଆ ଗାଁରେ ପଞ୍ଚାୟତସ୍ତରୀୟ ଅଭିଯୋଗ ଓ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏବିଡିଓ ମନୋଜ ନାୟକ, ସରପଞ୍ଚ ସବିତା ମୁଦୁଲି, ନାଏବ ସରପଞ୍ଚ ପ୍ରତାପ ବେହେରା, ବ୍ଲକ ସମାଜିକ ସୁରକ୍ଷା ଅଧିକାରୀ କେ.ଏସ୍ ନିଶା, ଏପିଓ ସନ୍ତୋଷି ମହାପାତ୍ର ଓ ଅନ୍ୟ ବ୍ଲକସ୍ତରିୟ ଅଧିକାରୀ ଉପସ୍ଥିତ ଥିଲେ। ପଞ୍ଚାୟତର ବିଭିନ୍ନ ଗ୍ରାମର ଗ୍ରାମବାସୀ ଅଧିକାରୀଙ୍କୁ ରାସ୍ତା ନିର୍ମାଣ ଓ ପାନୀୟଜଳ ଆଦି ସମସ୍ୟା ଜଣାଇଥିଲେ। ଏଥିସହ ଉପସ୍ଥିତ ଅଧିକାରୀମାନେ ବିଭିନ୍ନ ସରକାରୀ ଯୋଜନାର ଲାଭ ପାଇବା ନେଇ ସଚେତନ କରିଥିଲେ।



ଶୁଣାଣିରେ ଉପସ୍ଥିତ ଅଧିକାରୀ ଓ ଗ୍ରାମବାସୀ।

# ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଶିଳାନ୍ୟାସ

ଦଶମନ୍ତପୁର, ୩।୨(ଅରବିନ୍ଦ ନାୟକ)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକସ୍ଥିତ ବିଭିନ୍ନ ସ୍ଥାନରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଶିଳାନ୍ୟାସ ସୋମବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ କଂଗ୍ରେସର ସମ୍ପାଦକ ମୋହନ ପାତ୍ର ହିଆଲଙ୍କ ତତ୍ତ୍ୱାବଧାନରେ ମୁଖ୍ୟ ଅତିଥି ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁନ୍ତା, ଲକ୍ଷ୍ମୀପୁର ଏମ୍‌ପି କୈଳାସ ଖସଲା, ପଙ୍କଜ ବାଘ,ମଧୁସ୍ମିତା ବାଘ, ଲକ୍ଷ୍ମଣ ବିଷୋୟୀ, ସରପଞ୍ଚ ସବାଇ ମୁଦୁଲି, ଯୁବ ସଭାପତି ଅଶୋକ ଖସଲା, ବରିଷ୍ଠ ନେତା ରମାକାନ୍ତ ଦଳାଇ, ପ୍ରମୋଦ ଖରା, ଦିଲ୍ଲୀପ ବାଘ, ରମେଶ ନାୟକ, ପଦ୍ମନ ସଗର, ମଣ୍ଟି ଖରା, ରାଜେନ୍ଦ୍ର ହୁଇକାଙ୍କ ସହ ୧୬ ପଞ୍ଚାୟତର ପ୍ରତ୍ୟେକ ସରପଞ୍ଚ, ସମିତି ସଭ୍ୟାସଭ୍ୟ ଏବଂ କଂଗ୍ରେସ ନେତା, କର୍ମୀ ପ୍ରମୁଖ ଯୋଗ ଦେଇଥିଲେ। ବିଧାୟକ ଦଶମନ୍ତପୁର ପଞ୍ଚାୟତ ଅଧୀନ ମୁଦାରରୁ ଚଣ୍ଡିଜାନିଗୁଡ଼ାରେ ନବନିର୍ମିତ ୧ କୋଟି ୬୦ ଲକ୍ଷ ଅଟକଳ ବ୍ୟୟରେ ପକ୍କା ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ମାଁ ଖମ୍ବେଶ୍ୱରୀ ପୀଠରେ ଆୟୋଜିତ ଏକ ସାଧାରଣ ସଭାରେ ମଧ୍ୟ ଯୋଗ ଦେଇଥିଲେ। ପୋଡାଗଡ଼ ପଞ୍ଚାୟତ ଅଧୀନ ଆରଡି ଛକରୁ କଣ୍ଟାବେଟି ଏବଂ ମୁଜାଙ୍ଗ ପଞ୍ଚାୟତ ଅଧୀନ ସୁକୁଟାପୁଟ ଛକରୁ ବକଡାଗୁଡ଼ା ଗାଁକୁ ସଂଯୋଗ କରୁଥିବା ୨ ପକ୍କା ରାସ୍ତାର ଶିଳାନ୍ୟାସ କରିଛନ୍ତି। ସ୍ଥାନୀୟ ଦଶମନ୍ତପୁର ବ୍ଲକ ସଦର ସ୍ଥିତ ପେଡିସିଲ ଗ୍ରାମ ନିକଟରେ ଭୁଶୁଡ଼ି ପଡ଼ିଥିବା ପୋଲ ଓ ପିଏଚ୍‌ଡି ସମ୍ମୁଖରେ ଜରାଜୀର୍ଣ୍ଣ ଭାବେ ପଡ଼ିଥିବା ଯବାନ ପୋଲ ନିର୍ମାଣ ଖୁବଶୀଘ୍ର କରାଯିବା ସହ ପିଡବ୍ଲୁଡି ଛକରୁ ତୁନଖାଲ ଗାଁକୁ ମଧ୍ୟ ପକ୍କା ରାସ୍ତା ବ୍ୟବସ୍ଥା କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।



ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁନ୍ତା ଶିଳାନ୍ୟାସ କରୁଛନ୍ତି ।

**ସଂକ୍ଷେପରେ**

## ବିକଶିତ ଗାଁ, ବିକଶିତ ଓଡ଼ିଶା ଶୁଭାରମ୍ଭ ପ୍ରସ୍ତୁତି ବୈଠକ

ଡାବୁଗାଁ, ୩।୨ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ବିଡିଓଙ୍କ ପ୍ରକୋଷ୍ଠରେ ବିକଶିତ ଗାଁ ବିକଶିତ ଓଡ଼ିଶା ଶୁଭାରମ୍ଭ ନେଇ ଏକ ପ୍ରସ୍ତୁତି ବୈଠକ ଏବିଡିଓ ପଦ୍ମନାଭ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ସୋମବାର ଅପରାହ୍ନରେ ଅନୁଷ୍ଠିତ ହୋଇଛି। ଚଳିତ ମାସ ୫ ତାରିଖରେ ମୁଖ୍ୟମନ୍ତ୍ରୀ ଉକ୍ତ ଯୋଜନାର ଶୁଭାରମ୍ଭ କରିବେ। ଯାହାର ସିଧାପ୍ରସାରଣ କରାଯିବ। ଉକ୍ତ କାର୍ଯ୍ୟକ୍ରମ ଡାବୁଗାଁ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହେବା ନେଇ ଆଲୋଚନା ହୋଇଥିଲା। ସିଡିପିଓ ମିନତୀ ଦାଶ, ସହକାରୀ ନିର୍ବାହୀ ଯନ୍ତ୍ରୀ ମାନସ କୁମାର ନେଗୀ, ପଞ୍ଚାୟତ ଉନ୍ନୟନ ଅଧିକାରୀ ପଦ୍ମନାଭ ଭାଲ୍ଲା, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଆଦିତ୍ୟ ନାରାୟଣ ରଥ, ରାଜ୍ୟସଭା ଏମ୍‌ପିଙ୍କ ପ୍ରତିନିଧି ରାମାରାଓ ଚୌଧୁରୀ, ଜିଲାପରିଷଦ ସଭ୍ୟ ଗୁପ୍ତ ବିଷୋୟୀ, ସହକାରୀ କୃଷି ଅଧିକାରୀ ସୋମେନ୍ଦ୍ର ବିଶ୍ୱାସ, ସବଇନ୍ସପେକ୍ଟର ଚନ୍ଦନ ସାହୁ, ଅଗ୍ନିଶମ କେନ୍ଦ୍ର ଅଧିକାରୀ ହିମାଂଶୁ ଶେଖର ନାୟକ, ଏବିଇଓ ସନ୍ତୋଷ କୁମାର ସାହୁ, ବରିଷ୍ଠ ମତ୍ସ୍ୟ ବୈଷୟିକ ସହାୟକ ସଙ୍ଗୀତା ସାମଲ, ଅଙ୍ଗନୱାଡି ସୁପରଭାଇଜର ସାଇରା ବାନୁ, ପଞ୍ଚାୟତ ନିର୍ବାହୀ ଅଧିକାରୀ ପର୍ଶୁରାମ ମାଳୀ ଓ ହଳଧର ଜାନୀ, ଜୁନାପାଣି ସରପଞ୍ଚ ଦୟାନିଧି ଭତ୍ରା, ଡଙ୍ଗରିଗୁଡ଼ା ସରପଞ୍ଚ ରାମକୁମାର ଗଣ୍ଡ, ବିଦ୍ୟୁତ ବିଭାଗର ଉତ୍ତମ ଦାଶ, ଜି. ସତ୍ୟା ରାଓ, ଜୟନ୍ତ କୁମାର ପାତ୍ର, ନରେଶ ସିଂ, ନରୁ ସିଂ, ସାମୁଏଲ ସାଧୁ, ପେସା ସଂଯୋଜକ ଶୁଭଶ୍ରୀ ମହାକୁଡ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ପାପଡ଼ାହାଣ୍ଡି ବିଡିଓଙ୍କୁ ତେନ୍ତୁଳିଖୁଣ୍ଟି ଅତିରିକ୍ତ ଦାୟିତ୍ୱ

ତେନ୍ତୁଳିଖୁଣ୍ଟି, ୩।୨ (ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବିଡିଓ ମନୋଜ କୁମାର ପାଣିଗ୍ରାହୀ ୧୦ ସପ୍ତାହ ନିମନ୍ତେ ଅନୁଷ୍ଠାନ ସମ୍ବନ୍ଧୀୟ ତାଲିମ ନେବାକୁ ଭୁବନେଶ୍ୱର ଯାଇଛନ୍ତି। ଏଣୁ ତେନ୍ତୁଳିଖୁଣ୍ଟି ବ୍ଲକରେ କାର୍ଯ୍ୟ ନିର୍ବାହ କରିବାକୁ ପାପଡ଼ାହାଣ୍ଡି ବିଡିଓଙ୍କୁ ଦାୟିତ୍ୱ ଦିଆଯାଇଛି। ପାପଡ଼ାହାଣ୍ଡି ବିଡିଓ କପିଳଦେବ ସାହୁ କାର୍ଯ୍ୟଭାର ଗ୍ରହଣ କରିଛନ୍ତି।

## ଚୋରି ମାମଲାରେ ୭ ଗିରଫ

ଜୟପୁର ୩।୨ (ପବନ ପାଣିଗ୍ରାହୀ)

ଚୋରି ମାମଲାରେ ଜୟପୁର ସଦର ପୋଲିସ ୭ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ତେଲିଗୁଡ଼ା ନିବାସୀ ସତ୍ୟ ଗଣ୍ଡ (୩୩), ତୁଳାରାମ ହରିଜନ (୪୦), ଶିବ କୁମ୍ଭାର (୧୮), ଭୀମ ଜାନୀ (୩୫), ସନିଆ କୁମ୍ଭାର (୩୬) ଜୟରାମ କୁମ୍ଭାର (୩୬), ଚକ୍ର କୁମ୍ଭାର (୩୩)। ସୂଚନାନୁଯାୟୀ ଜୟପୁର ଗୋଡ଼ିଆ ଧୋବା ସାହିର ସୁଜିତ ନାୟକଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କ ଡ୍ରାଇଭର ତୁଳାରାମ ୬ ଜଣ ସାଙ୍ଗଙ୍କ ସହ ମଶି ଜବାକନାଡିରେ ଥିବା ମା କଠାରି ବାଡି ରାଇସ ମିଲ୍‌ରୁ ୬ଟି ଧାନ ପ୍ୟାକେଟ ଚୋରି କରିଥିଲେ। ଯାହାର ମୂଲ୍ୟ ୧୫ ହଜାର ୫ ଶହ ଟଙ୍କା ହେବ। ସୁଜିତଙ୍କ ଅଭିଯୋଗ ଆଧାରରେ ପୋଲିସ ୪୧/୨୫ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପୋଲିସ ୭ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିବା ଜୟପୁର ସଦର ଥାନାଧିକାରୀ ଈଶ୍ୱର ତାଣ୍ଡି ସୂଚନା ଦେଇଛନ୍ତି।

# ୭ ଦିନରେ ଦାବି ପୂରଣ ନ ହେଲେ ଆନ୍ଦୋଳନ ଚେତାବନୀ

- ୩୭ ପାରାମେଡିକାଲ କର୍ମଚାରୀଙ୍କୁ କାର୍ଯ୍ୟଚ୍ୟୁତ ଘଟଣା
- ଜିଲାମୁଖ୍ୟ ଚିକିତ୍ସାଳୟ ସମ୍ମୁଖରେ ପ୍ରତିବାଦ

ନବରଙ୍ଗପୁର, ୩।୨ (ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ସ୍ୱାସ୍ଥ୍ୟ ବିଭାଗରେ ଆଉଟସୋର୍ସିଂ ସଂସ୍ଥା ଭୁବନେଶ୍ୱରର ଏଲ୍ ଆଣ୍ଡ କେ ମାଧ୍ୟମରେ ୨୦୨୪ରେ ନିଯୁକ୍ତି ପାଇଥିବା ୩୭ ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ କାର୍ଯ୍ୟଚ୍ୟୁତ କରାଯାଇଛି। ସ୍ୱାସ୍ଥ୍ୟ ବିଭାଗ ଓ ସରକାର ପୁନଃ ବିଚାର କରି ସେମାନଙ୍କୁ ଅବସ୍ଥାପିତ କରିବାକୁ କାର୍ଯ୍ୟଚ୍ୟୁତ କର୍ମଚାରୀମାନେ ଦାବି କରି ଜିଲାମୁଖ୍ୟ ଚିକିତ୍ସାଳୟ ସମ୍ମୁଖରେ ସୋମବାର ପ୍ରତିବାଦ କରିଛନ୍ତି। ୭ ଦିନରେ ଦାବି ପୂରଣ ନ ହେଲେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ସରକାରଙ୍କ ସହ ଆଲୋଚନା କରି ସେମାନଙ୍କୁ କିଭଳି ପୁନଃ ଅବସ୍ଥାପିତ କରାଯିବ ସେ ନେଇ ଉଦ୍ୟମ କରିବେ ବୋଲି ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ କହିଛନ୍ତି।



ଧାରଣା ଦେଇଥିବା କାର୍ଯ୍ୟଚ୍ୟୁତ ପାରାମେଡିକାଲ ଷ୍ଟାଫ୍।

ନବରଙ୍ଗପୁର ଜିଲା ସ୍ୱାସ୍ଥ୍ୟ ବିଭାଗରେ ଆଉଟସୋର୍ସିଂ ସଂସ୍ଥା ଭୁବନେଶ୍ୱରର ଏଲ୍ ଆଣ୍ଡ କେ ମାଧ୍ୟମରେ ୨୦୨୪ରେ ନିଯୁକ୍ତି ପାଇଥିବା ୩୭ ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ କାର୍ଯ୍ୟଚ୍ୟୁତ କରିବା ପାଇଁ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ୨୮ ତାରିଖରେ ଉକ୍ତ ସଂସ୍ଥାକୁ ଚିଠି ନମ୍ବର ୭୯୫ ଅନୁଯାଇ ଜଣାଇଥିଲେ। ସେଥି ମଧ୍ୟରେ ୬ ଜଣ ଫାର୍ମାସିଷ୍ଟ, ୨ ଜଣ ଲାବ୍ ଟେକ୍ନିସିଆନ ଓ ୨୯ ଜଣ ନର୍ସିଂ ଅଫିସର ରହିଛନ୍ତି। ୨୦୨୨-୨୩ ଓ ୨୦୨୩-୨୪ ବର୍ଷରେ ଆଉଟ ସୋର୍ସିଂ ସଂସ୍ଥା ମାଧ୍ୟମରେ ନିଯୁକ୍ତି ପାଇଥିବା ଅନ୍ୟମାନେ ନିୟମିତ କାର୍ଯ୍ୟ କରୁଛନ୍ତି। ନବରଙ୍ଗପୁର ଜିଲାରେ ଡାକ୍ତର, ବିଶେଷଜ୍ଞ ଓ ସ୍ୱାସ୍ଥ୍ୟସେବା କର୍ମଚାରୀଙ୍କ ଅଭାବ। ଜିଲାରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ। ଉକ୍ତ ସ୍ୱାସ୍ଥ୍ୟକର୍ମୀମାନେ ନବରଙ୍ଗପୁର ସଦର ମହାକୁମା ଡାକ୍ତରଖାନା, ଉମରକୋଟ ସବ୍‌ଡିଭିଜନ ମେଡିକାଲ, ତେନ୍ତୁଳିଖୁଣ୍ଟି, ପାପଡ଼ାହାଣ୍ଡି, ପୂଜାରିଗୁଡ଼ା, ଡାବୁଗାଁ, ନନ୍ଦାହାଣ୍ଡି, ଝରିଗାଁ, ହାଟବରଣ୍ଡି, କୋଷାଗୁମୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାମକରି ରୋଗୀସେବା ପ୍ରଦାନ କରୁଥିଲେ। ୩୭ ଜଣ କର୍ମଚାରୀଙ୍କୁ ପୂର୍ବରୁ କୌଣସି ସୂଚନା ଦିଆ ନ ଯାଇ ଜିଲା ସ୍ୱାସ୍ଥ୍ୟ ବିଭାଗ ଏହି ପଦକ୍ଷେପ ନେଇଥିବାରୁ ଏହାକୁ କର୍ମଚାରୀମାନେ ବିରୋଧ କରିଥିଲେ। ଦାବିପତ୍ର ପ୍ରଦାନବେଳେ ସୌମ୍ୟ ରଞ୍ଜନ ନାୟକ, ନରେଶ ବେହେରା, ପ୍ରିୟରଞ୍ଜନ ନାୟକ, କିଶୋର ଲାଲ ସାହୁ, ଦୀପ୍ତିମୟୀ ପାଢ଼ୀ, ଚର୍ଚ୍ଚିକା ନାୟକ, ଅପରାଜିତା ସିଲ, ମନୀଷା ସାହୁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ସରକାରଙ୍କ ଦୈନିକ ମଜୁରି ହାରରେ ବେତନ ଦାବି


ସଂଘ ସଦସ୍ୟମାନେ ଦାବିପତ୍ର ପ୍ରଦାନ କରୁଛନ୍ତି।

ନବରଙ୍ଗପୁର, ୩।୨ (ସଦାଶିବ ପ୍ରହରାଜ)

**ଓଡ଼ିଶା ଜୀବିକା ମିଶନ ଶକ୍ତି ଇସି ସଂଘର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର**

ଭାରତୀୟ ମଜଦୁର ସଂଘ ଦ୍ୱାରା ପରିଚାଳିତ ଓଡ଼ିଶା ଜୀବିକା ମିଶନ ଶକ୍ତି ଇସି ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀ ତଥା ଶିଶୁ ବିକାଶ ଓ ମିଶନ ଶକ୍ତି ବିଭାଗ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଡେପୁଟି କଲେକ୍ଟର ଆଶୁତୋଷ ପାତ୍ରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସ୍ଥାନୀୟ ପୋଲିସ ପଡ଼ିଆରୁ ଏକ ଶୋଭାଯାତ୍ରା ବାହାରି ଜିଲାପଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ ସହ ୭ ଦଫା ସମ୍ବଳିତ ଦାବିପତ୍ର ଦିଆଯାଇଛି। ଭାରତୀୟ ମଜଦୁର ସଂଘ ଜିଲା ଉପଦେଷ୍ଟା ପରମେଶ୍ୱର ବିଷୋୟୀ, ସଭାପତି ବାଙ୍କବିହାରୀ ବିଷୋୟୀ, ସମ୍ପାଦକ ବିଷ୍ଣୁପ୍ରସାଦ ବିଷୋୟୀ, ଓଡ଼ିଶା ଜୀବିକା ମିଶନ ଶକ୍ତି ଜିଲା ସଭାନେତ୍ରୀ ପ୍ରମିଳା ସାମନ୍ତରାୟ, ଉପସଭାନେତ୍ରୀ ରୁକ୍ମିଣୀ ହରିଜନ, ଉପସଭାନେତ୍ରୀ ଅମ୍ବିକା ହରିଜନ, ସମ୍ପାଦିକା ଭବାନୀ ଡଙ୍ଗରୀ ଓ କୋଷାଧ୍ୟକ୍ଷା କାବେରୀ ସାନ୍ତା ବୈଠକ ପରିଚାଳନାକରି ଉଦ୍‌ବୋଧନ ଦେଇଥିଲେ। ଓଡ଼ିଶା ଜୀବିକା ମିଶନ ଶକ୍ତି ଇସିମାନଙ୍କୁ ସରକାରୀ କର୍ମଚାରୀ ଘୋଷଣା, ସରକାରଙ୍କ ଦୈନିକ ମଜୁରି ହାରରେ ବେତନ ପ୍ରଦାନ, ଇସିମାନେ ଯେଉଁ ପଦବୀରେ ଅଛନ୍ତି ତାଙ୍କୁ ସ୍ଥାୟୀ କରିବା, ଦୁର୍ଘଟଣାଜନିତ ମୃତ୍ୟୁ ହେଲେ ୧୦ ଲକ୍ଷ ଟଙ୍କା ଓ ସ୍ୱାଭାବିକ ମୃତ୍ୟୁ ହେଲେ ୫ଲକ୍ଷ ଟଙ୍କା ପ୍ରଦାନ, ୬୦ ବର୍ଷରେ ଅବସର ନେଲେ ଅବସର କାଳୀନ ସହାୟତା ରାଶି ୫ ଲକ୍ଷ ଟଙ୍କା ଓ ମାସିକ ପେନ୍‌ସନ ପାଞ୍ଚ ହଜାର ଟଙ୍କା ଦେବାକୁ ଦାବି ହୋଇଛି। ସେହିଭଳି ଇସିମାନଙ୍କୁ ବୀମା, ଇଏସ୍‌ଆଇ, ପ୍ରୋଭିଡେଣ୍ଟ ଫଣ୍ଡ ଲାଗୁ, ଓଡ଼ିଶା ଜୀବିକା ମିଶନ ଶକ୍ତି ଇସିମାନଙ୍କୁ ପ୍ରତ୍ୟେକ ମାସରେ ୫ରୁ ୧୦ ତାରିଖ ମଧ୍ୟରେ ସେମାନଙ୍କ ବେତନ ଦେବା ବ୍ୟବସ୍ଥା କରାଯିବାକୁ ଦାବି କରାଯାଇଛି। ସମ୍ପାଦିକା ଭବାନୀ ବଙ୍ଗାରେଙ୍କ ସମେତ ଅନ୍ୟମାନେ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

## ମାର୍ଚ୍ଚ ୨ରୁ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା

ପ୍ରସ୍ତୁତି ବୈଠକରେ ପ୍ରତିଷ୍ଠା କମିଟି ଗଠନ

ରାଇଘର, ୩।୨ (କିରଣ ପଟ୍ଟନାୟକ)

ନବରଙ୍ଗପୁର ଜିଲା ରାଇଘର ବ୍ଲକ ସଦର ମହକୁମାସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ଥିବା ନୂତନ ଜଗନ୍ନାଥ ମନ୍ଦିର ମାର୍ଚ୍ଚ ୨ରେ ପ୍ରତିଷ୍ଠା ହେବା ନେଇ ମନ୍ଦିର କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଅବସରରେ ୫ ଦିନ ଧରି ମନ୍ଦିର କମିଟି ପକ୍ଷରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଏହି ଅବସରରେ ମନ୍ଦିର ପ୍ରତିଷ୍ଠା କମିଟି ଗଠନ କରାଯାଇଛି। ପ୍ରଫୁଲ୍ଲ କୁମାର ଭୂୟାଁ ସଭାପତି, ଅଜୟ ଦାସ, କିରଣ ପଟ୍ଟନାୟକ, ରତନ ଗଣ୍ଡ, ନହରୁ ଗଣ୍ଡ ଉପସଭାପତି, କମଲ ସିଂ ରାଜପୁତ, ସମ୍ପାଦକ, ଭବାନୀ ନାୟକ, ଦଶରୁ ଗଣ୍ଡ ସହ ସମ୍ପାଦକ ଓ କୋଷାଧ୍ୟକ୍ଷ ଭାବେ ମୋହନ ସାହୁ ମନୋନୀତ ହୋଇଛନ୍ତି। ଏଥିସହ ମୁଖ୍ୟ ପରିଚାଳକ ଭାବେ ତହସିଲଦାର ରିତୁ ସିଂ, ବିଡିଓ ଲକ୍ଷ୍ମୀସାଗର ମାଝୀ ଓ ଥାନାଧିକାରୀ ରଘୁନାଥ ମାଝୀ ପ୍ରମୁଖ ଅଧିକାରୀ ରହିଛନ୍ତି। ଉପଦେଷ୍ଟା ମଣ୍ଡଳୀରେ ଖେଦୁ ଝାଙ୍କର, ସହଦେବ ଗଣ୍ଡ, ସନ୍ତୋଷ ମହାପାତ୍ର, ବ୍ଲକ ଅଧ୍ୟକ୍ଷ ଗୁପ୍ତ ଝାଙ୍କର, ଲମ୍ବୋଦର ମାଝୀ, ସୁଦର୍ଶନ ମାଝୀ, ଶିବନାଥ ବାନାର୍ଜୀ, ଯତୀନ୍ଦ୍ର ଗଣ୍ଡ, ମାଳିସିଂ ପାତ୍ର, ନବି ସାନ୍ତା, ଘନଶ୍ୟାମ ଶର୍ମା, ଜୀବନ ଶାହା, କୌଶିକ ସାହୁ, ଅନନ୍ତ ବାରିକ, ସଂଗ୍ରାମ ବାରିକ, ପ୍ରିତମ ଗଣ୍ଡ, ରାଜେନ୍ଦ୍ର ଯାଦବ ପ୍ରମୁଖ ରହିଛନ୍ତି। ଭାସ୍କର ଦଣ୍ଡସେନା, ଶ୍ରୀହର୍ଷ ମହାପାତ୍ର, ଅଭିମନ୍ୟୁ ଡାକୁଆ, ମୁନା ସମରଥ, ସୁକେଶ ମିଶ୍ରା, ଧନେଶ ପ୍ରଧାନ, ମନୋହର ଦଣ୍ଡସେନା, ବିଷ୍ଣୁ ଗୌଡ଼, ବିକି ଶ୍ରୀବାସ୍ତବ, ଶରତ ବାରିକ, ଦିବାକର ନାୟକ, ମହେନ୍ଦ୍ର ରାଜପୁତ, ମୀନା ମାଝୀ, ପୁରୁଷୋତ୍ତମ ଶର୍ମା, ଦିଲୀପ ପାତ୍ର, ଜଗନ୍ନାଥ ଦୋରା, କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ସହ କାର୍ଯ୍ୟକାରୀ ସଦସ୍ୟ ରହିଛନ୍ତି। ମାର୍ଚ୍ଚ ୨ରୁ ୬ ତାରିଖ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ କରାଯିବ। ପଣ୍ଡିତ ସୂର୍ଯ୍ୟନାରାୟଣ ରଥଶର୍ମାଙ୍କ ଦ୍ୱାରା ଆଧ୍ୟାତ୍ମିକ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ ବୋଲି ମନ୍ଦିର କମିଟି ପକ୍ଷରୁ ସୂଚନା ମିଳିଛି।

## ତାଲା ଭାଙ୍ଗି ଚୋରି ଅଭିଯୋଗରେ ଜଣେ ଗିରଫ

ନବରଙ୍ଗପୁର, ୩।୨ (ସଦାଶିବ ପ୍ରହରାଜ)

ନବରଙ୍ଗପୁର ଥାନା ଅଧୀନ କୋଇଗୁଡ଼ା ଗ୍ରାମର ସଞ୍ଜୟ କୁମାର ନାଗଙ୍କ ଘରେ ତାଲା ଭାଙ୍ଗି ଦୁର୍ବୃତ୍ତମାନେ ୧୭ ହଜାର ଟଙ୍କା, ସୁନା ମଙ୍ଗଳ ସୂତ୍ର, ମୁଦି ଓ କାନଫୁଲ ଚୋରିକରି ନେଇଥିଲେ। ଏ ନେଇ ନବରଙ୍ଗପୁର ଥାନାରେ



୪୯୪/୨୪ରେ ଏକ ମାମଲା ରୁଜୁ ହୋଇଥିଲା। ନବରଙ୍ଗପୁର ଥାନା ପୋଲିସ ଏହି ମାମଲାରେ ଉକ୍ତ ଗ୍ରାମର ଲଚିମ ହରିଜନଙ୍କୁ ଗିରଫ କରି ତାଙ୍କଠାରୁ ସମସ୍ତ ଚୋରି ଗହଣା ଜବତ କରିଛି। ଅଭିଯୁକ୍ତ ଲଚିମକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ନେଇ ଏସ୍‌ଡିପିଓ କୃଷ୍ଣ ଚନ୍ଦ୍ର ଭତ୍ରା ପ୍ରକାଶ କରିଛନ୍ତି।

## ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀଙ୍କୁ ଦାବିପତ୍ର

ନବରଙ୍ଗପୁର, ୩।୨ (ସଦାଶିବ ପ୍ରହରାଜ)

ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନ ରାଜ୍ୟ ସଭାପତିଙ୍କ ପୌରୋହିତ୍ୟରେ ସଦସ୍ୟମାନେ ବିଦ୍ୟାଳୟ ଓ ଗଣ ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ତାଙ୍କ ଉମରକୋଟସ୍ଥିତ କାର୍ଯ୍ୟାଳୟରେ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଶିକ୍ଷକମାନଙ୍କ ପଦୋନ୍ନତି ଓ ବିଭିନ୍ନ ସମସ୍ୟା ସମ୍ପର୍କରେ ମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ। ପଦୋନ୍ନତି, ଆର୍‌ଏସିପି, ଶ୍ରେଣୀ ୱାରି ଶିକ୍ଷକ, ପଡୋଶୀ ରାଜ୍ୟ ସହ ସମକକ୍ଷ ଦରମା ଓ ଆନୁଷଙ୍ଗିକ ବ୍ୟବସ୍ଥାକୁ ବିଚାର କରି ଦାବି ପୂରଣ କରିବାକୁ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରି ତୁରନ୍ତ ଶିକ୍ଷା, ଶିକ୍ଷକ ଶିକ୍ଷାୟତନ ରୂପାନ୍ତରିତ ହେବ ବୋଲି ଏନେଇ ମନ୍ତ୍ରୀ ଗଣ୍ଡ କହିଥିଲେ। ଆଲୋଚନା ଓ ଦାବିପତ୍ର ପ୍ରଦାନ ସମୟରେ ରାଜ୍ୟ ସଭାପତି ରମଣୀ ରଞ୍ଜନ ତ୍ରିପାଠୀ, ଜିଲା ସଭାପତି ସନନ୍ତ ପ୍ରହରାଜ, ସାଧାରଣ ସମ୍ପାଦକ କ୍ଷେତ୍ର ମୋହନ ବିଷୋୟୀ, ରାଜମନ ଭିତରା, ଫଣିନ୍ଦ୍ର ଗାଇନ, ସୁଦର୍ଶନ ମାଝୀ, ସମ୍ପାଦକ ରତିକାନ୍ତ ପଣ୍ଡା, ରମେଶ ତ୍ରିପାଠୀ ସମ୍ପାଦକ (ନନ୍ଦାହାଣ୍ଡି), ସପନ ସରକାର, ସଙ୍କସ ତ୍ରିପାଠୀ, ଶୁଭଙ୍କର ମାଝୀ ଉପସ୍ଥିତ ଥିଲେ।


ଶିକ୍ଷକ ସଂଘ ସଦସ୍ୟମାନେ ମନ୍ତ୍ରୀଙ୍କ ସହ ଆଲୋଚନା କରୁଛନ୍ତି।

## ୫୫ ଅଭିଯୋଗର ଶୁଣାଣି

ନବରଙ୍ଗପୁର, ୩।୨ (ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ପରିଷଦ ସମ୍ମିଳନୀ ଗୃହରେ ଅତିରିକ୍ତ ଜିଲାପାଳ ମହେଶ୍ୱର ଚନ୍ଦ୍ର ନାୟକ ଏବଂ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଆଦିତ୍ୟ ସେନ୍‌ଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ଏକ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ, ଉପଜିଲାପାଳ ପ୍ରକାଶ କୁମାର ମିଶ୍ରଙ୍କ ସମେତ ଜିଲାସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଜନ ଶୁଣାଣି ଶିବିରରେ ମୋଟ ୫୫ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୪୪ ବ୍ୟକ୍ତିଗତ ଓ ୧୧ ସାମୂହିକ ସମସ୍ୟା ଥିଲା। ମୁଖ୍ୟତଃ ରାଶନ କାର୍ଡ, ପ୍ରଧାନମନ୍ତ୍ରୀ ଆବାସ, ମଣ୍ଡି ଟୋକନ୍, ଚିକିତ୍ସା ସାହାଯ୍ୟ, ରାସ୍ତା ନିର୍ମାଣ ଉପରେ ଅଭିଯୋଗ ରହିଥିଲା।


ଅଧିକାରୀମାନେ ଗୋଟିଏ ଅଭିଯୋଗର ଶୁଣାଣି କରୁଛନ୍ତି।

## ଖବରଦାତାଙ୍କୁ ସମ୍ମାନିତକଲେ ଅଙ୍ଗନୱାଡି କର୍ମୀ

ଉମରକୋଟ, ୩।୨ (ସନ୍ତୋଷ ଶତପଥୀ)

ଖବରଦାତାମାନଙ୍କ ସହ ଗଠନମୂଳକ ସମ୍ପର୍କ ରଖି ଏକ ସୁସ୍ଥ ପରମ୍ପରାରେ କାର୍ଯ୍ୟ କରିବା ଉଦ୍ଦେଶ୍ୟରେ ଉମରକୋଟ ଅଞ୍ଚଳର ସମସ୍ତ କାର୍ଯ୍ୟରତ ଖବରଦାତାଙ୍କୁ ଉମରକୋଟ ପୌରାଞ୍ଚଳର ଅଙ୍ଗନୱାଡି କର୍ମୀ ସମ୍ମାନିତ କରିଥିଲେ। ଆଗାମୀ ଦିନରେ ପୌର ପରିଷଦର ସମସ୍ତ ଅଙ୍ଗନୱାଡି କର୍ମଚାରୀଙ୍କ ସହ ଖବରଦାତାଙ୍କ ସମ୍ପର୍କ ଭଲ ରହିବ। ପ୍ରତ୍ୟେକ କ୍ଷେତ୍ରରେ ସେମାନଙ୍କୁ ସହଯୋଗ କରାଯିବ ବୋଲି ଅଙ୍ଗନୱାଡି କର୍ମୀ ମତ ଦେଇଥିଲେ। କାର୍ଯ୍ୟକ୍ରମରେ ସଭାପତି ଅର୍ଚ୍ଚନା ରାୟ, ସମ୍ପାଦକ ଅରୁନ୍ଧତୀ ପଟ୍ଟନାୟକଙ୍କ ସହ ଅନ୍ୟମାନଙ୍କ ମଧ୍ୟରେ ତୃପ୍ତି ଘରାମୀ, ଗୌରୀ ସରକାର, ସଞ୍ଜିତା ତୁରୁକ, ବାସନ୍ତୀ ସେବତୀ, ହେମ ବାଈ, ମୋତି ମାଝୀ, ଗୌରୀ ମଣି, ରେଖା ହାଲଦାର, ବନ୍ଦନା ମଜୁମଦାର, ଦମୟନ୍ତୀ, ମଙ୍ଗଳ ଦେଈ, ତୃଷା ଦେଈ ନାୟକ, ସନ୍ଧ୍ୟା ହାଲଦାରଙ୍କ ସହ ଅନ୍ୟ କର୍ମୀମାନେ ଉପସ୍ଥିତ ଥିଲେ।


ଅଙ୍ଗନୱାଡି କର୍ମୀଙ୍କ ସହ ଖବରଦାତାମାନେ।

# ସମ୍ମାନିତ ହେଲେ ଉମରକୋଟ୍‌ର ୨ କିଶୋରୀ

ଉମରକୋଟ, ୩।୨ (ସନ୍ତୋଷ ଶତପଥୀ)

**ରାଜ୍ୟସ୍ତରୀୟ ସଖୀ ଓ ସହେଲୀ ସମ୍ମିଳନୀ**

ରାଜ୍ୟ ସରକାର, ୟୁନିସେଫ୍ ଓ ଆକ୍ସନଏଡ୍‌ର ମିଳିତ ସହଯୋଗରେ ପୁରୀଠାରେ ଆୟୋଜିତ ୨ଦିନିଆ ରାଜ୍ୟସ୍ତରୀୟ ସଖୀ ଓ ସହେଲୀ ସମ୍ମିଳନୀରେ ନବରଙ୍ଗପୁର ଜିଲା ଉମରକୋଟର ୨ କିଶୋରୀ ସମ୍ମାନିତ ହୋଇଛନ୍ତି। ସେମାନେ ହେଲେ ଉମରକୋଟ ବ୍ଲକ୍ ବଡ଼କୁମାରୀ ପଞ୍ଚାୟତ ଜାନିଗୁଡ଼ା ଗ୍ରାମର ମାମିନା ଜାନି ଓ କୁର୍ସି ପଞ୍ଚାୟତ ସାମଲଦୋରା ଗ୍ରାମର ଲକ୍ଷ୍ମୀ ସାନ୍ତା।

ପୁରୀଠାରେ ଆୟୋଜିତ କାର୍ଯ୍ୟକ୍ରମରେ ୟୁନିସେଫ୍ ଓଡ଼ିଶା ମୁଖ୍ୟ ୱିଲିୟମ ଜେ. ହଲାନ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଅଦ୍ୱିକା କାର୍ଯ୍ୟକ୍ରମ ମାଧ୍ୟମରେ ରାଜ୍ୟରେ ଅନେକ କିଶୋରୀ ବାଲ୍ୟବିବାହକୁ ନା କହିପାରୁଛନ୍ତି। ଆତ୍ମନିର୍ଭରଶୀଳ ହେବା ସହ ସମାଜରେ ପରିବର୍ତ୍ତନ ଆଣିବାରେ କିଶୋରୀମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି ବୋଲି ହଲାନ କହିଥିଲେ। ୨୦୩୦ ବେଳକୁ ଓଡ଼ିଶା ଏକ ବାଲ୍ୟବିବାହ ମୁକ୍ତ ରାଜ୍ୟ ହେବା ନେଇ ଅତିଥିମାନେ ଆଶାବ୍ୟକ୍ତ କରିଥିଲେ। ଅଦ୍ୱିକା କାର୍ଯ୍ୟକ୍ରମ ଦ୍ୱାରା କିପରି ଜୀବନରେ ସଫଳତା ପାଇଛନ୍ତି ସେ ନେଇ ଅତିରିକ୍ତ ଶାସନ ସଚିବ ଅନନ୍ତ ନାରାୟଣ ସିଂ ମତ ଦେଇଥିଲେ। ସରକାରଙ୍କ ପକ୍ଷରୁ କିଶୋରୀମାନଙ୍କ ସଶକ୍ତୀକରଣ ପାଇଁ ନିଆଯାଇଥିବା ବିଭିନ୍ନ ଯୋଜନା ମାଧ୍ୟମରେ ମାମିନା ଓ ଲକ୍ଷ୍ମୀ ଉମରକୋଟ ଶିଳ୍ପ ତାଲିମ କେନ୍ଦ୍ରରେ ନାମ ଲେଖାଇ ସିଲେଇ ଶିଖୁଛନ୍ତି। ଉମରକୋଟ ବ୍ଲକ ମହିଳା ଓ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ସଞ୍ଜୁକ୍ତା ବେହେରା ତାଙ୍କୁ ସହଯୋଗର ହାତ ବଢ଼ାଇ ଥିଲେ ଓ ସିଡିପିଓଙ୍କ ପ୍ରଚେଷ୍ଟାରେ ସେମାନେ ସ୍ୱାବଲମ୍ବୀ ହେବାର ବାଟ ବାଛି ନେଇଛନ୍ତି ବୋଲି ଉଭୟ ମତ ଦେଇଥିଲେ। ସେମାନେ ସମ୍ବର୍ଦ୍ଧନାର ଶ୍ରେୟ ସିଡିପିଓଙ୍କୁ ଦେଇଛନ୍ତି। ଉଭୟ ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲଟିବେ ବୋଲି ସିଡିପିଓ ବେହେରା କହିଛନ୍ତି।



ଅତିଥିମାନେ ମାମିନା ଓ ଲକ୍ଷ୍ମୀଙ୍କୁ ସମ୍ମାନିତ କରୁଛନ୍ତି।

# ଜିଲାସ୍ତରୀୟ ନିର୍ମାଣ ଶ୍ରମିକ କଲ୍ୟାଣ ସମାରୋହ

ନବରଙ୍ଗପୁର, ୩।୨ (ସଦାଶିବ ପ୍ରହରାଜ)

ନବରଙ୍ଗପୁର ରଙ୍ଗମାଟିଗୁଡ଼ାସ୍ଥିତ ଶ୍ରୀକଲ୍ୟାଣ ମଣ୍ଡପରେ ନିର୍ମାଣ ଶ୍ରମିକ କଲ୍ୟାଣ ସମାରୋହ ଅନୁଷ୍ଠିତ ହୋଇଯାଇଛି। ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ନିର୍ମାଣ ଶ୍ରମିକଙ୍କ ପାଇଁ ଥିବା ବିଭିନ୍ନ ସହାୟତାର ସୁବିଧା ସୁଯୋଗ କିପରି ପାଇପାରିବେ ସେ ନେଇ ଉପସ୍ଥିତ ପାଇପାରିବେ ତାହା ଶ୍ରମିକ ଲୋକଙ୍କୁ କହିଥିଲେ। ନିର୍ମାଣ ଶ୍ରମିକମାନେ କିଭଳି ଅନ୍‌ଲାଇନରେ ପଞ୍ଜୀକରଣକରି ବିଭିନ୍ନ ସହାୟତା ପାଇପାରିବେ ସେ ନେଇ ଜିଲା ଶ୍ରମ ଅଧିକାରୀ ଛୋଟରାୟ ଟୁଡୁ ମତ ଦେଇଥିଲେ। ନିର୍ମାଣ ଶ୍ରମିକଙ୍କ ପଞ୍ଜୀକରଣ ନିମନ୍ତେ ଜିଲା ଶ୍ରମ ଅଧିକାରୀ ଏବଂ ସହକାରୀ ଶ୍ରମ ଅଧିକାରୀମାନଙ୍କୁ ପଞ୍ଜୀକରଣ ଅଧିକାରୀ ଭାବେ ନିଯୁକ୍ତି କରାଯାଇଛି। ଶିବିରରେ ୫ ଜଣଙ୍କୁ ଶିକ୍ଷା ସହାୟତା, ୫ ଜଣଙ୍କୁ ବିବାହ ସହାୟତା, ୩ଜଣଙ୍କୁ ମାତୃ ସହାୟତା, ମୃତ୍ୟୁ ଓ ଅନ୍ତ୍ୟେଷ୍ଟି କ୍ରିୟା ସହାୟତା ୬ ଜଣଙ୍କୁ ଦିଆଯାଇଛି। ମୋଟ ୧୯ଜଣଙ୍କୁ ୧୬ ଲକ୍ଷ ୬୨ହଜାର ଟଙ୍କା ସହାୟତା ଚେକ ମାଧ୍ୟମରେ ପ୍ରଦାନ କରାଯାଇଛି। ୧୯୯୮ ଜଣଙ୍କୁ ନୂତନ ଭାବେ ନିର୍ମାଣ ଶ୍ରମିକ ପରିଚୟ ପତ୍ର ପ୍ରଦାନ କରାଯାଉଛି। ଜିଲା ସ୍ତରୀୟ ଶ୍ରମିକ କଲ୍ୟାଣ ସମାରୋହରେ ଅନ୍‌ଲାଇନ ମାଧ୍ୟମରେ ବିବାହ ସହାୟତା ରୂପେ ୯୩ ଜଣଙ୍କୁ ୪୬ ଲକ୍ଷ ୫୦ ହଜାର, ମାତୃତ୍ୱ ସହାୟତା ୫୭ ଜଣଙ୍କୁ ୫ ଲକ୍ଷ ୭୦ ହଜାର, ୩୦ ଜଣଙ୍କୁ ୨ ଲକ୍ଷ ୯୭ ହଜାର ଶିକ୍ଷା ସହାୟତା, ମୃତ୍ୟୁକାଳୀନ ସହାୟତା ରୂପେ ୩୯ ଜଣଙ୍କୁ ୮୨ ଲକ୍ଷ, ଅନ୍ତ୍ୟେଷ୍ଟିକ୍ରିୟା ସହାୟତାଭାବେ ୩୮ ଜଣଙ୍କୁ ୧ଲକ୍ଷ ୯୦ ହଜାର ଏଭଳି ମୋଟ ୨୫୭ ଜଣ ହିତାଧିକାରୀଙ୍କ ଜମାଖାତାକୁ ୧ କୋଟି ୩୯ଲକ୍ଷ ୭ ହଜାର ଟଙ୍କା ପ୍ରେରଣ କରାଯାଉଛି। ଶିବିରରେ ଏମ୍‌ପିଙ୍କ ପ୍ରତିନିଧି ଜାନକୀ ବିଷୋୟୀ, ଶ୍ରମ ଆୟୁକ୍ତ କୁବେର ବେହେରା, ଡିଆଇପିଆର୍‌ଓ ମନୋଜ କୁମାର ବେହେରା, କୁଞ୍ଜବିହାରୀ ଦାସ, ଶ୍ରମିକ ଟ୍ରେଡ୍ ୟୁନିୟନ ନେତା ଓ ସଭ୍ୟ, ଶ୍ରମ କାର୍ଯ୍ୟାଳୟ କର୍ମଚାରୀ, ଖବରଦାତାଙ୍କ ସହ ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱ ଶ୍ରମିକ ଉପସ୍ଥିତ ଥିଲେ।



ଜଣେ ହିତାଧିକାରୀଙ୍କୁ ସହାୟତା ରାଶି ପ୍ରଦାନ କରାଯାଉଛି।

